ନାରୀ ଯଦି ତୁମକୁ ପ୍ରଲୁବ୍ଧ କରେ– ତେବେ ଦୋଷ ତୁମର ନା ତା'ର। ଏତେ ନିର୍ବୋଧ ଓ ଆତ୍ମ–ପ୍ରତାରକ ହୋଇ ଉଠନା। ଦୁଇଟି ବାଟରେ ନାରୀର ପାଶ–ବନ୍ଧନରୁ ନିଜକୁ ମୁକ୍ତ କରାଯାଇପାରେ। ନାରୀ ମାତ୍ରକେ ଇ ପରିହାର କର। ନତୁବା ସକଳ ଜୀବକୁ ଭଲ ପାଅ।
–ଶ୍ରୀଅରବିନ୍ଦ

# ବିରୁଡ଼ି ବସାରେ ହାତ

ଭାରତୀୟ ଜନତା ପାର୍ଟି(ଭାଜପା) ୮ ଏପ୍ରିଲ ୨୦୧୯ରେ ଜାତୀୟ ସ୍ତରରେ ନିର୍ବାଚନ ଇସ୍ତାହାର ଘୋଷଣା କରିଛି। ଏହି ସଂକଳ୍ପପତ୍ରରେ ଟ୍ୟାଗ୍‌ଲାଇନ୍ ରଖାଯାଇଛି 'ସଂକଳ୍ପିତ ଭାରତ, ସଶକ୍ତ ଭାରତ'। ଅଯୋଧ୍ୟାରେ ରାମମନ୍ଦିର ପ୍ରତିଷ୍ଠା, ସମ୍ବିଧାନର ଧାରା ୩୭୦ ଉଚ୍ଛେଦ, ଏକକ ଦେୱାନି ସଂହିତା ଭଳି ପୂର୍ବ ସଂକଳ୍ପକୁ ଘୋଷଣାପତ୍ରରେ ସ୍ଥାନ ଦିଆଯାଇଥିବା ବେଳେ କୃଷିର ବିକାଶ, ନାରୀ ସଶକ୍ତୀକରଣ ଭଳି ୭୫ଟି ଦିଗ ଏଥିରେ ସ୍ଥାନ ପାଇଛି। ତେବେ ପ୍ରଥମ ଥର ପାଇଁ ଧାରା '୩୫ କ' କୁ ହଟାଇବା ସକାଶେ ଦଳ ସଂକଳ୍ପବଦ୍ଧ ବୋଲି କହିଛି। ଉଲ୍ଲେଖଯୋଗ୍ୟ ଯେ, ଏହି ଧାରା ଅନୁଯାୟୀ ଜମ୍ମୁ ଓ କଶ୍ମୀରରେ କେଉଁମାନେ ସ୍ଥାୟୀ ବାସିନ୍ଦା, ସେମାନଙ୍କୁ ଚିହ୍ନଟ କରିବା ଦାୟିତ୍ୱ ରାଜ୍ୟ ଉପରେ ନ୍ୟସ୍ତ କରାଯାଇଛି। ଏଥିସହିତ ସେଠାକାର ଚାକିରି, ବାସସ୍ଥାନ ଓ ସମ୍ପତ୍ତି ଉପରେ ସ୍ଥାନୀୟ ବାସିନ୍ଦାଙ୍କ ସ୍ୱତନ୍ତ୍ର ଅଧିକାର ରହିଛି। ଭାଜପା ଅଭିଯୋଗ କରୁଛି ଯେ, ୩୫ କ ଧାରା ଜମ୍ମୁ ଓ କଶ୍ମୀରର ବିକାଶ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ତେଣୁ ତାହାର ଉଚ୍ଛେଦ ହେବା ନିହାତି ଜରୁରୀ। ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ଏପରି ପ୍ରତିଜ୍ଞା ନେଇଥିବାରୁ ଏହାକୁ ଜମ୍ମୁ ଓ କଶ୍ମୀରର ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ବିରୋଧ କରିବା ଆରମ୍ଭ କରିଛନ୍ତି। ସମ୍ବିଧାନର ଧାରା ୩୭୦ ଏବଂ ୩୫ କ ଉଚ୍ଛେଦ ହେଲେ ଏହାର ପରିଣାମ ଭାରତକୁ ଭୋଗିବାକୁ ପଡ଼ିବ ଏବଂ କେନ୍ଦ୍ର ସହ ରାଜ୍ୟ ସବୁପ୍ରକାର ସମ୍ପର୍କ ତୁଟାଇଦେବ ବୋଲି ନ୍ୟାଶନାଲ କନ୍‌ଫରେନ୍ସ ସଭାପତି ଫାରୁକ୍ ଅବଦୁଲ୍ଲା ଚେତାବନୀ ଦେଇଛନ୍ତି।

ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ଓ ତା' ପରବର୍ତ୍ତୀ ବାଲାକୋଟ୍ କାର୍ଯ୍ୟାନୁଷ୍ଠାନ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ପର୍କ ଅତିମାତ୍ରାରେ ବିଗିଡ଼ିଯାଇଛି। ଏଭଳିସ୍ଥଳେ ଧାରା ୩୫ କ ପ୍ରସଙ୍ଗକୁ ଭାଜପା ସଂକଳ୍ପପତ୍ରରେ ଆଣି କଶ୍ମୀରବାସୀଙ୍କ ମନରେ ଆହୁରି ଅସନ୍ତୋଷ ସୃଷ୍ଟି କରୁଛି। ବର୍ତ୍ତମାନ କଶ୍ମୀରରେ ସପ୍ତାହରେ ଦୁଇ ଦିନ ପାଇଁ ସାଧାରଣ ନାଗରିକଙ୍କ ଚଳପ୍ରଚଳ ଓ ଯାନବାହନ ଚଳାଚଳ ଉପରେ କେନ୍ଦ୍ର କଟକଣା ଲଗାଇଛି। ଫଳରେ ଏହା ସେଠାକାର ବାଣିଜ୍ୟକୁ ଘୋର କ୍ଷତି ପହଞ୍ଚାଇବା ସହ ଲୋକଙ୍କ ସମସ୍ୟା ବଢ଼ାଇ ଦେଇଛି। ଭାଜପା ପକ୍ଷରୁ ଏହା ଆତଙ୍କବାଦଜନିତ ଆକ୍ରମଣକୁ ରୋକିବା ଦିଗରେ କରାଯାଇଛି ବୋଲି କୁହାଯାଉଥିବା ବେଳେ କଶ୍ମୀରବାସିନ୍ଦା ଏହାର ଉଚ୍ଛେଦ ଦାବି କରୁଛନ୍ତି। ତେବେ କେନ୍ଦ୍ରର ଭାଜପା ସରକାର ବିବାଦୀୟ ପ୍ରସଙ୍ଗକୁ ଉଜ୍ଜୀବିତ କରି ଉପତ୍ୟକାରେ ଗୋଳମାଳିଆ ପରିସ୍ଥିତି ସୃଷ୍ଟି କରିବାକୁ ଚାହୁଁଛି ବୋଲି କଥା ଉଠିଲାଣି। ଭାଜପାର ରାଜନୈତିକ ଉତ୍ଥାନର ଇତିହାସ ଧର୍ମ, ଜାତି ଓ ସମ୍ବେଦନଶୀଳ ପ୍ରସଙ୍ଗକୁ ଟିହାଇ ଭୋଟ ହାସଲ କରିବାରେ ଭରପୂର। ବିଗତ ନିର୍ବାଚନଗୁଡ଼ିକରୁ ଅଯୋଧ୍ୟାରେ ରାମମନ୍ଦିର ପ୍ରତିଷ୍ଠା, ଧାରା ୩୭୦ ଉଚ୍ଛେଦ ଏବଂ ଦେଶରେ ଏକକ ଦେୱାନି ସଂହିତା ଆଣିବା ନେଇ ଭାଜପା ବାରମ୍ବାର କହିଆସୁଛି। ୨୦୧୯ ନିର୍ବାଚନରେ ଏହି ଦଳ ଭୋଟ ଲାଭ କରିବା ସକାଶେ ନୂଆ ଭାବେ ଧାରା '୩୫ କ'କୁ ଯୋଡ଼ିବା ଉଦ୍ଦେଶ୍ୟ ପ୍ରଣୋଦିତ ଜାଣି କଶ୍ମୀରର ରାଜନେତା ଓ ବୁଦ୍ଧିଜୀବୀ ସ୍ୱର ଉଠାଇଛନ୍ତି। ୨୦୧୪ରେ ଭାଜପା କେନ୍ଦ୍ରରେ କ୍ଷମତାସୀନ ହେବା ପରେ ଜମ୍ମୁ ଓ କଶ୍ମୀରରେ ଆଖିଦୃଶିଆ ବିକାଶ ଘଟି ନାହିଁ। ବରଂ ବେକାର ଯୁବତୀଯୁବକଙ୍କ ସଂଖ୍ୟା ବଢ଼ିବା ସହ ସେଠାକାର ନାଗରିକଙ୍କ ମନରେ କେନ୍ଦ୍ର ପ୍ରତି ଅବିଶ୍ୱାସ ବଢ଼ିଛି। ପାକିସ୍ତାନ ସୀମାନ୍ତରେ ଏହି ଉପତ୍ୟକା ଥିବାରୁ ଏହାର ଅଧିବାସୀମାନଙ୍କୁ ସମ୍ବିଧାନରେ ଅଧିକ ସୁବିଧା ଦିଆଯାଇଛି। ସେଠାକାର ବାସିନ୍ଦାଙ୍କ ଜୀବନ ପ୍ରତି ସର୍ବଦା ବିପଦ ଥିବାରୁ ସେମାନଙ୍କୁ ଅଗ୍ରାଧିକାର ଦିଆଯିବାରେ କୌଣସି ଭୁଲ ନାହିଁ। ଜମ୍ମୁ ଓ କଶ୍ମୀରକୁ ସ୍ୱୟଂଶାସିତ ମାନ୍ୟତା ଦିଆଯାଇଥିଲେ ମଧ୍ୟ ପ୍ରତିରକ୍ଷା, ବହିର୍ବ୍ୟାପାର ଏବଂ ଯୋଗାଯୋଗକୁ ଏଥିରୁ ବାଦ୍ ଦିଆଯାଇଛି। ଏଥିରୁ ବୁଝିବାକୁ ହେବ ଯେ, ଜମ୍ମୁ ଓ କଶ୍ମୀର ସରକାର ପ୍ରମୁଖ କ୍ଷେତ୍ରରେ କେନ୍ଦ୍ର ଉପରେ ନିର୍ଭରଶୀଳ।

ଏହି ପରିପ୍ରେକ୍ଷୀରେ ଏକ ବିବାଦୀୟ ଅଞ୍ଚଳର ଉନ୍ନତି ଦିଗରେ କେନ୍ଦ୍ର ଅଧିକ ସୁବିଧା ସୃଷ୍ଟି କରିବା ପରିବର୍ତ୍ତେ ସେମାନଙ୍କ ଅଧିକାରକୁ ଛଡ଼ାଇ ନେବାକୁ ଚେଷ୍ଟା କରିବା ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ସାଧାରଣରେ ଗ୍ରହଣୀୟ ହୋଇପାରୁ ନାହିଁ। ସହଜେ ଦୀର୍ଘବର୍ଷ ହେଲାଣି ସେନାର ଉପସ୍ଥିତି ଯୋଗୁ କଶ୍ମୀରରେ ଅସନ୍ତୋଷର ବାତାବରଣ ଲାଗି ରହିଛି। ଭାରତୀୟ ସେନା ଏପର୍ଯ୍ୟନ୍ତ ସ୍ଥାନୀୟ ବାସିନ୍ଦାଙ୍କ ସହ ଏକ ବିଶ୍ୱାସର ସମ୍ପର୍କ ଗଢ଼ିପାରି ନାହିଁ। ଭାଜପା ସମ୍ବିଧାନ ଧାରା '୩୫ କ'କୁ ଉଚ୍ଛେଦ କରିବା ପାଇଁ ଯେଉଁ ସଂକଳ୍ପ ନେଇଛି, ତାହା ଦ୍ୱାରା ଜମ୍ମୁ ଓ କଶ୍ମୀରରେ ଅନ୍ୟ ରାଜ୍ୟର ଲୋକମାନେ ଜମି କିଣିବା ସହ ସ୍ଥାୟୀ ବାସିନ୍ଦା ହୋଇପାରିବେ। ଭାଜପାର ଯୁକ୍ତି ହେଉଛି ଯେ, ୩୫ କ ଉଚ୍ଛେଦ କରାଗଲେ ସେଠାରେ ବିକାଶମୂଳକ କାର୍ଯ୍ୟ ହେବା ସହ ବାସିନ୍ଦାଙ୍କୁ ମୁଖ୍ୟସ୍ରୋତରେ ସାମିଲ କରାଯାଇପାରିବ। ଦେଖିବାକୁ ଗଲେ କଶ୍ମୀର ସମସ୍ୟାର ସମାଧାନ ଏତେ ସହଜ ନୁହେଁ। ୩୫ କ ଉଚ୍ଛେଦ ଘଟି ସ୍ଥାନୀୟ ବାସିନ୍ଦାଙ୍କୁ ନୂଆକରି ପଞ୍ଜୀକରଣ କରାଗଲେ, ବିରୁଡ଼ି ବସାରେ ହାତ ମାରିବା ଭଳି ପରିସ୍ଥିତି ସୃଷ୍ଟି ହେବ। ଆସାମରେ ଦେଖାଦେଇଥିବା ସମସ୍ୟା ଏହାର ଏକ ସଦ୍ୟ ଉଦାହରଣ।

## ଚିରନ୍ତନୀ

ଜୀବନ ମନ୍ଦିର ମମ
ଅସୀମ ଆକାଶେ ଟେକି ଶିର
ବିଜୟ ନିଶାଣ ସମ
ସୁମହାନ ରହେ ଉଭା ଚିର। (ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | C | | | | | | | 5 | | | | | | |
| | 9 | 4 | 1 | | 3 | C | | | | | | | | |
| | 5 | | C | 4 | | 9 | 2 | 6 | | | | | E | |
| | | | | 9 | | E | | | | D | | 7 | | |
| | | | 6 | | | | | 4 | | | 0 | | | D |
| E | | | | 1 | C | 3 | | | | B | | | | |
| | 1 | 7 | | | D | | 0 | | | | | | | 9 |
| | | 5 | 0 | 7 | A | 8 | 6 | | | | | | | |
| B | 3 | | 4 | | | A | | 7 | | | | | 0 | 2 |
| | | | | | | 4 | 9 | C | | | 1 | 5 | | |
| | 0 | D | | | 1 | | 5 | | | | C | | | B |
| 1 | | | 2 | | 9 | | C | | | A | B | | 3 | E |
| | | | | | E | | | | | 3 | 6 | | D | |
| C | | | A | | | | 3 | | | 0 | | | 6 | 5 |
| | 4 | 8 | | D | | 1 | | | | | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | C | 3 | 0 | E | A | 9 | 4 | 6 | 2 | D | 1 | 5 | B | 8 |
| 9 | 6 | 8 | 1 | B | 5 | 0 | C | 7 | E | 4 | 3 | 2 | A | D |
| 5 | E | 4 | D | 6 | 2 | A | B | 1 | 0 | 8 | 7 | 9 | C | 3 |
| B | 0 | D | C | 9 | 8 | 2 | 3 | E | 5 | A | 6 | 4 | 1 | 7 |
| 1 | A | 2 | 3 | 4 | 7 | D | 5 | 8 | B | 9 | C | 0 | 6 | E |
| 0 | 8 | 9 | B | D | 6 | 1 | E | C | 7 | 2 | A | 3 | 5 | 4 |
| C | D | B | E | 2 | 4 | 3 | 0 | 5 | 9 | 1 | 8 | A | 7 | 6 |
| 2 | 4 | 6 | 5 | 0 | 1 | 7 | D | A | 3 | B | E | 8 | 9 | C |
| A | 3 | 1 | 7 | C | 9 | 8 | 2 | 4 | 6 | 5 | D | B | E | 0 |
| E | 7 | 5 | A | 8 | 3 | 6 | 9 | B | C | 0 | 4 | 1 | D | 2 |
| 6 | 2 | 7 | 8 | 5 | D | B | A | 3 | 1 | C | 0 | E | 4 | 9 |
| D | 5 | 0 | 4 | 7 | C | E | 1 | 9 | 8 | 3 | B | 6 | 2 | A |
| 8 | B | A | 2 | 1 | E | C | 7 | 0 | 4 | 6 | 9 | D | 3 | 5 |
| 4 | 9 | E | 6 | 3 | B | 5 | 8 | D | A | 7 | 2 | C | 0 | 1 |
| 3 | 1 | C | 9 | A | 0 | 4 | 6 | 2 | D | E | 5 | 7 | 8 | B |

ଗତକାଲିର ଉତ୍ତର

# ସେକ୍ୟୁଲାରିଜମ୍ ଓ ଆମ ସମ୍ବିଧାନ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

୧୯୫୦ ମସିହାରେ ଯେତେବେଳେ ଭାରତୀୟ ସମ୍ବିଧାନ କାର୍ଯ୍ୟକାରୀ ହେଲା ସେତେବେଳେ ଏହାର ମୁଖବନ୍ଧରେ 'ସେକ୍ୟୁଲାର' ଶବ୍ଦଟି ନ ଥିଲା। ୧୯୭୬ ମସିହାରେ ୪୨ତମ ସମ୍ବିଧାନ ସଂଶୋଧନରେ ଏହି ଶବ୍ଦଟି ଯୋଡ଼ି ଦିଆଗଲା। ସମ୍ବିଧାନର ୨୫ରୁ ୨୮ ଧାରାରେ ବିଶ୍ୱାସର ସ୍ୱାଧୀନତା ତଥା ଧାର୍ମିକ ଆଚରଣ ଓ ଧର୍ମପ୍ରଚାରର ସ୍ୱାଧୀନତା କଥା ଉଲ୍ଲେଖ କରାଯାଇଛି। ଭାରତରେ ହିନ୍ଦୁମାନଙ୍କ ବ୍ୟତୀତ ମୁସଲମାନ, ଖ୍ରୀଷ୍ଟିଆନ, ପାର୍ସୀ ଇତ୍ୟାଦି ବିଭିନ୍ନ ସମ୍ପ୍ରଦାୟର ଲୋକ ବାସ କରୁଛନ୍ତି। ଏହି ସମ୍ପ୍ରଦାୟଗୁଡ଼ିକର ନିଜସ୍ୱ ଈଶ୍ୱର ବିଶ୍ୱାସ ଓ ପୂଜାପଦ୍ଧତି ଅଛି। ଶାସନତନ୍ତ୍ର କୌଣସି ସମ୍ପ୍ରଦାୟ ପ୍ରତି ପକ୍ଷପାତ ନ କରିବା, ଲୋକମାନଙ୍କର ନିଜସ୍ୱ ପୂଜାପଦ୍ଧତି ସମ୍ପର୍କରେ ପକ୍ଷଭୁକ୍ତ ନ ହେବା ହେଉଛି ଭାରତରେ ଧର୍ମନିରପେକ୍ଷତାର ମର୍ମ। ସେକ୍ୟୁଲାର ଶବ୍ଦର ପ୍ରକୃତ ଭାଷାନ୍ତର ପନ୍ଥ ନିରପେକ୍ଷ ବା ସମ୍ପ୍ରଦାୟ ନିରପେକ୍ଷ ହେଲେ ହେଁ ଧର୍ମନିରପେକ୍ଷ ଶବ୍ଦଟି ଏହି ଅର୍ଥରେ ସେକ୍ୟୁଲାର ଶବ୍ଦର ଭାଷାନ୍ତର ଭାବରେ ଗୃହୀତ ହୋଇଗଲାଣି। କେତେକ ନେତା ଓ ରାଜନୈତିକ ଦଳ ନିଜକୁ ଏହି ଅର୍ଥରେ ସେକ୍ୟୁଲାରିଷ୍ଟ ବୋଲି ଘୋଷଣା କରି ଅନ୍ୟ ଦଳକୁ ସାମ୍ପ୍ରଦାୟିକତାବାଦୀ ବା କମ୍ୟୁନାଲିଷ୍ଟ ବୋଲି ଆକ୍ଷେପ କରୁଛନ୍ତି। ମାତ୍ର ଭାରତରେ ସେକ୍ୟୁଲାରିଜମ୍ ଶବ୍ଦର ଅର୍ଥକୁ ନେଇ ରହିଛି ବିଚାର ବିଭ୍ରାଟ।

ୱେବ୍‌ଷ୍ଟର, ଚାମ୍ବର୍ସ, ଅକ୍ସଫୋର୍ଡ ଆଦି ଇଂଲିଶ ଅଭିଧାନରୁ ଜଣାପଡ଼େ ସେକ୍ୟୁଲାର ଶବ୍ଦର ଅର୍ଥ ହେଉଛି ଏହି ସଂସାର ସମ୍ପର୍କିତ, ଆଧ୍ୟାତ୍ମିକ ଜଗତ ସମ୍ପର୍କିତ ନୁହେଁ, ସାଧାରଣ ମଣିଷ ସମ୍ପର୍କିତ, ଧର୍ମ ସମ୍ପର୍କିତ ନୁହେଁ। ସେକ୍ୟୁଲାରିଜମ୍‌ର ତାତ୍ପର୍ଯ୍ୟ ହେଉଛି ମାନବ ଜୀବନର ସମସ୍ୟାଗୁଡ଼ିକରୁ ସମାଧାନର ସୂତ୍ର ଆଧ୍ୟାତ୍ମିକ ଜଗତରେ ନ ଖୋଜି ଏହି ପାର୍ଥିବ ଜଗତରେ ଖୋଜିବା। ଆମେ ଅନେକ ସମୟରେ ଆମ ସମସ୍ୟାଗୁଡ଼ିକୁ ଏକ ଅତି ପ୍ରାକୃତିକ ସତ୍ତାର ପ୍ରଭାବ ବୋଲି ଧରିନେଉ ଓ ସେହି ଜଗତରେ ସମାଧାନର ସୂତ୍ର ଖୋଜୁ। ମାତ୍ର ସେକ୍ୟୁଲାରିଜମ୍ ମଣିଷର ଦୃଷ୍ଟିକୁ ସେଇ ଜଗତରୁ ଫେରାଇ ଆଣି ଏହି ଜଗତରେ ନିବଦ୍ଧ କରିବାକୁ ପରାମର୍ଶ ଦିଏ। ଏଣୁ ସେକ୍ୟୁଲାରିଜମ୍‌ର ଭାଷାନ୍ତରକୁ କେହି କେହି ଇହଲୋକବାଦ ବୋଲି କହନ୍ତି। ଏହି ଇହଲୋକବାଦ ପଶ୍ଚିମ ଜଗତର ଏକ ଧାରଣା। ପ୍ରାଚୀନ କାଳରେ ମଣିଷର ଦୁଃଖ ସମୟରେ ଧର୍ମ ହିଁ ସାନ୍ତ୍ୱନା ଦେଉଥିଲା। ଏହି ଧର୍ମବିଶ୍ୱାସ ସହ ଜଡିତ ଥିଲା ଅନ୍ଧବିଶ୍ୱାସ। ଖ୍ରୀଷ୍ଟିଆନ ମଠଗୁଡ଼ିକ ଜ୍ଞାନଚର୍ଚ୍ଚାର କେନ୍ଦ୍ର ଥିଲା ଓ ପାଦ୍ରୀମାନେ ସେଗୁଡ଼ିକୁ ନିୟନ୍ତ୍ରଣ କରୁଥିଲେ। ସେମାନେ ଈଶ୍ୱର ଓ ମୃତ୍ୟୁ ପରବର୍ତ୍ତୀ ଜୀବନ ଉପରେ ବେଶି ଗୁରୁତ୍ୱ ଦେଉଥିଲେ ଏବଂ ଇହଲୋକର ମଣିଷ ଜୀବନକୁ ଘୃଣା କରୁଥିଲେ। କ୍ରମେ ଏହି ପ୍ରକାର ସ୍ଥିତି ବିରୋଧରେ ପ୍ରତିକ୍ରିୟା ପ୍ରକାଶ ପାଇଲା। ଆସିଲା ଏକ ବୌଦ୍ଧିକ ପରିବର୍ତ୍ତନ। ତାକୁ କୁହାଗଲା ରେନେସାଁ ଅର୍ଥାତ୍ ନବଜାଗରଣ। ଏହା ଚତୁର୍ଦ୍ଦଶ ଶତାବ୍ଦୀରୁ ଷୋଡଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରଭାବ ବିସ୍ତାର କରିଥିଲା। ଇହଲୋକବାଦ ହେଉଛି ଏହି ରେନେସାଁର ଫଳ। ଏହା ମୃତ୍ୟୁ ପରବର୍ତ୍ତୀ ଜୀବନ ଉପରେ ଧ୍ୟାନ କେନ୍ଦ୍ରିତ ନ କରି ଏହି ପୃଥିବୀରେ ବଞ୍ଚିଥିବା ମଣିଷ ଉପରେ ଧ୍ୟାନ କେନ୍ଦ୍ରୀଭୂତ କଲା। ମାନବର ମର୍ଯ୍ୟାଦାକୁ ସ୍ୱୀକୃତି ଦେଇ ତା'ର ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ସୁଯୋଗ ସୃଷ୍ଟି କଲା। ରାଷ୍ଟ୍ରକୁ ଧର୍ମଠାରୁ ସ୍ୱତନ୍ତ୍ର କଲା। ରାଷ୍ଟ୍ରର ଦାୟିତ୍ୱ ହେଲା ଅତିପ୍ରାକୃତିକ ଶକ୍ତିର ସାହାଯ୍ୟ ଉପରେ ନିର୍ଭର ନ କରି ଏହି ସଂସାରରେ ମିଳୁଥିବା ସମ୍ବଳ ସାହାଯ୍ୟରେ ନାଗରିକମାନଙ୍କର ମଙ୍ଗଳ ବିଧାନ କରିବା।

ମାତ୍ର ଭାରତରେ ସେକ୍ୟୁଲାର ଶବ୍ଦର ମୂଳ ଅର୍ଥ ବିକୃତ ହୋଇଗଲାଣି। ଧର୍ମନିରପେକ୍ଷ ଅର୍ଥରେ ଏହି ଶବ୍ଦ ବ୍ୟବହାର କରାଯାଉଛି ଓ କୁହାଯାଉଛି ରାଷ୍ଟ୍ର କୌଣସି ଧର୍ମୀୟ ପରମ୍ପରା ଓ ରୀତିନୀତିରେ ହସ୍ତକ୍ଷେପ କରିବ ନାହିଁ। ମାତ୍ର ଭାରତରେ ବିଭିନ୍ନ ଧର୍ମାବଲମ୍ବୀ ରହୁଛନ୍ତି। ବେଳେବେଳେ ସେମାନଙ୍କ ମଧ୍ୟରେ ସଂଘର୍ଷ ହେଉଛି। ସେମାନଙ୍କ ମଧ୍ୟରେ କିପରି ସଦ୍‌ଭାବ ରହିବ ଓ ଶାନ୍ତିଶୃଙ୍ଖଳା ବଜାୟ ରହିବ ସେଥିପ୍ରତି ଦୃଷ୍ଟିଦେବା ଧର୍ମନିରପେକ୍ଷ ରାଷ୍ଟ୍ରର ଦାୟିତ୍ୱ। ରାଷ୍ଟ୍ର ପାଇଁ ପ୍ରତ୍ୟେକ ବ୍ୟକ୍ତି ପ୍ରଥମେ ଜଣେ ନାଗରିକ, ତା'ପରେ ଯେକୌଣସି ଧର୍ମାବଲମ୍ବୀ ହେଇପାରେ। ଏଣୁ ସେ ଯେଉଁ ଧର୍ମ ଗ୍ରହଣ କଲେ ମଧ୍ୟ ନାଗରିକ ହିସାବରେ ରାଷ୍ଟ୍ରୀୟ ନିୟମକୁ ମାନିବା ପାଇଁ ବାଧ୍ୟ। ମାତ୍ର ଅନେକ ସମୟରେ ଧର୍ମୀୟ ପରମ୍ପରାର ଦାବି ଏତେ ବଳିଷ୍ଠ ହେଉଛି ଯେ, ପ୍ରତ୍ୟେକ ଧର୍ମାବଲମ୍ବୀ ନିଜ ନିଜ ନିୟମର ସୁରକ୍ଷା ପାଇଁ ସଂଗ୍ରାମ କରୁଛନ୍ତି। ଫଳରେ ଭାରତରେ ଏକ ବିଚିତ୍ର ଅବସ୍ଥା ଦେଖିବାକୁ ମିଳୁଛି। ପ୍ରତ୍ୟେକ ବ୍ୟକ୍ତି ନିଜକୁ ପ୍ରଥମେ ଜଣେ ହିନ୍ଦୁ ବା ମୁସଲମାନ ବା ଖ୍ରୀଷ୍ଟିଆନ ବୋଲି ଭାବୁଛନ୍ତି ଓ ପରେ ନିଜକୁ ଜଣେ ନାଗରିକ ଭାବେ ଚିନ୍ତା କରୁଛନ୍ତି।

ଗୋଟିଏ ଦେୱାନୀ ଆଇନ ଦ୍ୱାରା ସମସ୍ତେ ଶାସିତ ହେବା କଥା, ମାତ୍ର ଏଠି ତାହା ହୋଇପାରିନାହିଁ। ପୁଣି ସରକାର ମଧ୍ୟ ନିଜକୁ ଧର୍ମାନୁଷ୍ଠାନଗୁଡ଼ିକରୁ ସମ୍ପୂର୍ଣ୍ଣ ଦୂରେଇ ରଖିବାରେ ସମର୍ଥ ହୋଇନାହାନ୍ତି। ଏହାର କାରଣ ସେମାନଙ୍କ ଭୋଟ ଉପରେ ସେମାନେ ନିର୍ଭର କରୁଛନ୍ତି। ଧର୍ମାନୁଷ୍ଠାନଗୁଡ଼ିକୁ ଅନୁଦାନ ମଧ୍ୟ ଦିଆହେଉଛି। ଓଡ଼ିଶାର ଜଗନ୍ନାଥ ମନ୍ଦିରରେ ସରକାର ପ୍ରଶାସକ ନିଯୁକ୍ତ କରିଛନ୍ତି। ଅନେକ ସମୟରେ ସେବାୟତ ଓ ପ୍ରଶାସନ ମଧ୍ୟରେ ବିବାଦ ଉପୁଜୁଛି। କିଛିମାସ ତଳେ ସାବରୀମାଲା ଘଟଣା ଆଉ ଏକ ବିବାଦ ଛିଡ଼ା କରିଛି। ପରମ୍ପରା ଅନୁଯାୟୀ ୧୦ରୁ ୫୦ ବର୍ଷ ବୟସର ମହିଳାଙ୍କ ପାଇଁ ସେହି ମନ୍ଦିରରେ ପ୍ରବେଶ ନିଷିଦ୍ଧ। ମାତ୍ର ଲିଙ୍ଗଗତ ସମାନତାକୁ କାର୍ଯ୍ୟକାରୀ କରିବା ସମ୍ବିଧାନର ଦାୟିତ୍ୱ। ସୁପ୍ରିମ୍‌କୋର୍ଟ ଏହି ଲିଙ୍ଗଗତ ସମାନତାକୁ ଭିତ୍ତିକରି ଏହି ପରମ୍ପରାକୁ ଉଚ୍ଛେଦ କରିଛନ୍ତି। ମାତ୍ର ଇସ୍‌ଲାମ ଧର୍ମରେ ମଧ୍ୟ ମହିଳାମାନଙ୍କ ମସ୍‌ଜିଦ ପ୍ରବେଶ ଅନୁମତି ନାହିଁ। ସେହି କ୍ଷେତ୍ରରେ ସରକାର ନୀରବ। ପୁନଶ୍ଚ ଅନ୍ୟତ୍ର ରହିଥିବା ଅସମାନତା ପରମ୍ପରା ପ୍ରତି ମଧ୍ୟ ଦୃଷ୍ଟି ଦିଆଯାଇନାହିଁ। ଯଥା କେରଳର ଆଟୁକଲ ଭଗବତୀ ମନ୍ଦିର, ରାଜସ୍ଥାନ ପୁଷ୍କରର ବ୍ରହ୍ମା ମନ୍ଦିର, ବିହାର ମୁଜାଫରପୁରର ମାତା ମନ୍ଦିରରେ ପୁରୁଷଙ୍କ ପ୍ରବେଶ ନିଷେଧ। ଏହା ମଧ୍ୟ ଏକ ଲିଙ୍ଗଗତ ଅସମାନତା, ମାତ୍ର ସେ ବିଷୟରେ ସରକାର ବା ସୁପ୍ରିମ୍‌କୋର୍ଟ କିଛି ପଦକ୍ଷେପ ନେଇ ନାହାନ୍ତି। ଏଣୁ ସାବରୀମାଲା ଘଟଣାରେ ଧର୍ମନିରପେକ୍ଷତା କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଏକ ପ୍ରଶ୍ନବାଚୀ।

ରାଜନୈତିକ ଦଳଗୁଡ଼ିକ ବିଭିନ୍ନ ଧର୍ମାବଲମ୍ବୀଙ୍କ ଭୋଟ ଉପରେ ନିର୍ଭର କରୁଥିବାରୁ ଧର୍ମନିରପେକ୍ଷତା ଅବଲମ୍ବନ କରିବା ସମ୍ଭବ ହେଉନାହିଁ। କିଛିମାସ ତଳେ ନୋଇଡାର ଏକ ପାର୍କରେ କିଛି ମୁସଲମାନ ନମାଜ ପଢ଼ିବାରୁ କିଛି ଲୋକ ଏହାକୁ ବିରୋଧ କଲେ ଓ ପୋଲିସର ଦୃଷ୍ଟି ଆକର୍ଷଣ କଲେ। ସେମାନଙ୍କ ଯୁକ୍ତି ହେଲା ପାର୍କ ଏକ ସାର୍ବଜନୀନ ସ୍ଥାନ ହୋଇଥିବାରୁ କୌଣସି ନିର୍ଦ୍ଦିଷ୍ଟ ଧର୍ମାବଲମ୍ବୀ ପାର୍କରେ କୌଣସି ଧର୍ମାନୁଷ୍ଠାନ କରିବା ଠିକ୍ ନୁହେଁ। ଅପରପକ୍ଷରେ ଆଉ ଏକ ଯୁକ୍ତି ହେଉଛି, ଯଦି ପାର୍କ ଏକ ସାର୍ବଜନୀନ ସ୍ଥାନ ସେଠାରେ ଏକ ନିର୍ଦ୍ଦିଷ୍ଟ ଧର୍ମାନୁଷ୍ଠାନ ମନା, ତା'ହେଲେ ସାର୍ବଜନୀନ କାର୍ଯ୍ୟକ୍ରମ ଯଥା ଶିଳାନ୍ୟାସ, ଉଦ୍‌ଘାଟନ ଆଦି କାର୍ଯ୍ୟକ୍ରମରେ ପୂଜାପାଠ, ନଡ଼ିଆ ଭଙ୍ଗା, ଯଜ୍ଞ ଆଦି ମଧ୍ୟ କରିବା ଠିକ୍ ନୁହେଁ। କିଛିମାସ ତଳେ ସିଙ୍ଗରଭଲି ବିନାୟକ ଶାହ ନାମକ ଜଣେ ବ୍ୟକ୍ତି କେନ୍ଦ୍ରୀୟ ବିଦ୍ୟାଳୟରେ ସଂସ୍କୃତ ଶ୍ଳୋକ 'ଅସତୋ ମା ସଦ୍‌ଗମୟ'ର ଆବୃତ୍ତି ବନ୍ଦ କରିବା ପାଇଁ ସୁପ୍ରିମ୍‌କୋର୍ଟରେ ଅପିଲ କରିଛନ୍ତି। ତାଙ୍କର ଯୁକ୍ତି ହେଲା ଏହା ହିନ୍ଦୁ ଶାସ୍ତ୍ରରୁ ଆନୀତ ଓ ଅନ୍ୟ ଧର୍ମାବଲମ୍ବୀଙ୍କ ଧର୍ମ ଅଧିକାରକୁ କ୍ଷୁଣ୍ଣ କରୁଛି। ଯଦି ଏହି ଯୁକ୍ତିକୁ ଗ୍ରହଣ କରାଯାଏ ତା'ହେଲେ ଭାରତର କୋର୍ଟ ମଧ୍ୟ ଧର୍ମନିରପେକ୍ଷ ନୁହେଁ ବୋଲି କୁହାଯାଇପାରେ, କାରଣ ସେଠି ଲେଖାଯାଇଥିବା 'ସତ୍ୟମେବ ଜୟତେ' ମଧ୍ୟ ହିନ୍ଦୁ ଶାସ୍ତ୍ରରୁ ଆନୀତ। ଏଣୁ ସଂସ୍କୃତରେ କିଛି ଲେଖାଯାଇଛି ବୋଲି ତାକୁ ହିନ୍ଦୁ ଧର୍ମାନ୍ତର୍ଗତ କହିବା ବା ଇଂଲିଶରେ କିଛି ଲେଖା ହୋଇଥିଲେ ତାକୁ ଖ୍ରୀଷ୍ଟିଆନ ଧର୍ମାନ୍ତର୍ଗତ କହିବା ବା ଆରବିକ ଭାଷାରେ ଲେଖା ହୋଇଥିଲେ ତାକୁ ଇସ୍‌ଲାମ ଅନ୍ତର୍ଗତ କହିବା ଦୁର୍ଭାଗ୍ୟଜନକ, କାରଣ ସତ୍ୟ ସର୍ବଦା ଭାଷା ନିରପେକ୍ଷ। ମୋଟ ଉପରେ କହିବାକୁ ଗଲେ, ୟୁରୋପରେ ଯେଉଁ ଅର୍ଥରେ ସେକ୍ୟୁଲାର ଶବ୍ଦଟି ବ୍ୟବହୃତ ହେଉଥିଲା ବା ସେକ୍ୟୁଲାରିଜମ୍ ଏକ ଆନ୍ଦୋଳନ ଭାବରେ ମୁଣ୍ଡ ଟେକିଥିଲା ଭାରତର ଧର୍ମନିରପେକ୍ଷତା ତା'ଠାରୁ ବହୁଦୂରରେ। ୟୁରୋପରୁ ଆନୀତ ଇହଲୋକବାଦ ଓ ବିଭିନ୍ନ ଧର୍ମୀୟ ପରମ୍ପରାର ସଂଘର୍ଷ ମଧ୍ୟରେ ଭାରତୀୟ ସମ୍ବିଧାନ ଅଣନିଃଶ୍ୱାସୀ। ସେକ୍ୟୁଲାର ଶବ୍ଦର ମୂଳ ଅର୍ଥ ଆଜି ବିକୃତ।

ଟିଟିଲାଗଡ଼, ମୋ–୯୪୩୭୩୨୯୨୬୩

# ଡେଙ୍ଗା ତାଳଗଛେ ବାଇଆ ବସା



ଅରୁଣ ଦାସ

ପିଲାଦିନେ ଗାଁ ବିଲ ଓ ରାସ୍ତାଧାରରେ ଯୁଆଡକୁ ଚାହିଁଲେ ଡେଙ୍ଗା ତାଳଗଛ ଆଖିରେ ପଡୁଥିଲା। ସେଇ ଗଛରେ ଗୁଣ୍ଡୁଚି, ବଣି ଇତ୍ୟାଦି ବାସ କରିବା ସହ ବାଇ ଚଢ଼େଇ ବସା ଝୁଲିରହିବାର ଦେଖିବାକୁ ମିଳୁଥିଲା। ମଶାଣିରେ ମଲା ଗୋରୁଙ୍କ ଶବ ପଡ଼ିଲେ ଦଳ ଦଳ ଶାଗୁଣା ଆସି ସେ ସବୁକୁ ଖାଇ ଏଇ ତାଳଗଛରେ ବିଶ୍ରାମ ନେଉଥିଲେ। କିନ୍ତୁ ଦୁର୍ଭାଗ୍ୟ, ଜନସଂଖ୍ୟା ଓ ଜନବସତି ବୃଦ୍ଧି ହେତୁ ସେଇ ତାଳଗଛ ସଂଖ୍ୟା ଏବେ ପ୍ରବଳ ମାତ୍ରାରେ କମିବାରେ ଲାଗିଛି।

ଦିନଥିଲା ତାଳଗଛର ଚେର, ଗଣ୍ଡି, ବାହୁଙ୍ଗା ଓ ଫଳକୁ ବହୁମାତ୍ରାରେ ବ୍ୟବହାର କରାଯାଉଥିଲା। ଏହାର ଫଳକୁ କସିବେଳେ ତାଳସଜ ଭାବେ ଏବଂ ପାଚିଲା ପରେ ତା'ର ରସକୁ ନିଗାଡି ପିଠା ତିଆରି କରି ଖିଆଯାଉଥିଲା। ପାଚିଲା ତାଳର ରସ ଚିପୁଡ଼ି ଗୋରୁଙ୍କୁ ମଧ୍ୟ ଖାଇବାକୁ ଦିଆଯାଏ। ତା'ର ଟାକୁଆ ବା ମଞ୍ଜିକୁ ବାଡ଼ିରେ ପକାଇ ଦିଆଯାଏ ଏବଂ ତାହା ଗଜା ହେଲା ପରେ ସେହି ଗଜାକୁ ଖିଆଯାଏ। ପାଚିଲା ତାଳକୁ ହୁଏ ତ ଆଜିର ଦିନରେ ପୁରୁଣାକାଳିଆ ଖାଦ୍ୟ ଭାବେ ବିବେଚନା କରାଯାଇପାରେ। କିନ୍ତୁ ତାଳସଜ ସର୍ବଦା ଖରାଦିନେ ମଣିଷଙ୍କ ଭୋକ ଓ ଶୋଷ ଉଭୟକୁ ମେଣ୍ଟାଇ ଆସୁଛି। ତାଳଗୁଡ଼ ଓ ତାଳମିଶ୍ରିକୁ କେତେକାଂଶରେ ଲୋକମାନେ ନିୟମିତ ବ୍ୟବହାର କରି ଏବେ ମଧ୍ୟ ଉପକୃତ ହେଉଛନ୍ତି। ଘରର ଆସବାବ ନିର୍ମାଣରେ ମଧ୍ୟ ତାଳଗଛର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା। ଡାଲା, ଟାଙ୍ଗୁଡି, ଛପା, ବିଞ୍ଚଣା ଓ ବିଭିନ୍ନ ଗୃହସଜ୍ଜା ଉପକରଣ ପାଇଁ ତାଳପତ୍ର ବ୍ୟବହାର କରାଯାଏ। ଗ୍ରାମାଞ୍ଚଳରେ ଏବେ ମଧ୍ୟ ତାଳଗଣ୍ଡିରୁ ଘରର ସେଣି ଓ ଦୁଆର ବନ୍ଧ ଇତ୍ୟାଦି କରାଯାଉଛି।

ସାଧାରଣତଃ ସମୁଦ୍ର ଉପକୂଳ ଓ ସମତଳ ଅଞ୍ଚଳରେ ତାଳଗଛ ବହୁ ସଂଖ୍ୟାରେ ଦେଖାଦେଇ ଉକ୍ତ ଅଞ୍ଚଳର ପରିବେଶ ନିୟନ୍ତ୍ରଣରେ ସହାୟକ ହୋଇଥାଏ। ଏସିଆ ମହାଦେଶର ଛୋଟ ଛୋଟ ଦ୍ୱୀପଦେଶରେ ତାଳ ଗଛ ହିଁ ଏହାର ଜୈବବିବିଧତାରେ ସନ୍ତୁଳନ ରକ୍ଷା କରିଥାଏ। ସେହିପରି ଆଫ୍ରିକା ମହାଦେଶର ମାଡାଗାସ୍କାର ପରି ଦେଶରେ ତାଳଗଛ ବିନା ଜୀବନ ଅସମ୍ଭବ। ଏଠାରେ ପ୍ରତି ବର୍ଗକିଲୋମିଟର ମଧ୍ୟରେ ପ୍ରାୟ ୪୫ ପ୍ରଜାତିର ତାଳଗଛ ଦେଖିବାକୁ ମିଳିଥାଏ। ଏ ଦେଶର ଅଧିକାଂଶ ବନ୍ୟଜନ୍ତୁ ପ୍ରାୟତଃ ପାଚିଲା ତାଳ ଖାଇ ବଞ୍ଚିବା ସହିତ ବିଭିନ୍ନ ପ୍ରକାର ପକ୍ଷୀ, କୀଟ ଓ ସ୍ତନ୍ୟପାୟୀ ପ୍ରାଣୀ ଏହି ଗଛରେ ବସା ବାନ୍ଧି ରହିଆଆନ୍ତି। ବ୍ଲାକ୍ ଲେମୁର ପରି ପ୍ରାଣୀ ବର୍ଷର ଅଧିକାଂଶ ଦିନ ଡାଇପିସିସ୍ ଜାତୀୟ ତାଳ ଗଛର ଖାଦ୍ୟଖାଇ ବଞ୍ଚିବା ସହ ସେଇ ଗଛରେ ବସବାସ କରିଥାଏ। ଇରାକ, ଇରାନ ପରି ଉଷ୍ମମଣ୍ଡଳୀୟ ଦେଶରେ ବାୟୁମଣ୍ଡଳର ତାପମାତ୍ରା କମେଇବା ପାଇଁ ଖଜୁରି ସହ ତାଳଗଛ ରୋପଣକୁ ମଧ୍ୟ ଗୁରୁତ୍ୱ ଦିଆଯାଏ।

ବିଗତ ବର୍ଷଗୁଡ଼ିକରେ ତାଳଗଛର ଦ୍ରୁତ ହ୍ରାସ ଫଳରେ କିଛି ନିରୀହ ପ୍ରାଣୀ ବିଲୁପ୍ତ ହେବା ଘଟଣା ଆଫ୍ରିକୀୟ ଦେଶଗୁଡ଼ିକରେ ଚିନ୍ତାର କାରଣ ହୋଇଛି। ଭାରତର ସମୁଦ୍ର ଉପକୂଳ ରାଜ୍ୟଗୁଡ଼ିକରେ ନଦୀ କୂଳେ କୂଳେ ଥିବା ତାଳଗଛ ପ୍ରବଳ ମାତ୍ରାରେ କଟାଯିବାରୁ ବାଇ ଚଢ଼େଇମାନେ ଆଉ ଆଗପରି ଦେଖିବାକୁ ମିଳୁନାହାନ୍ତି। ୧୯୯୯ ମହାବାତ୍ୟାରେ ହଜାର ହଜାର ତାଳଗଛ ଉପୁଡି ପଡ଼ିଲା। ଫଳରେ ବାଇ ଚଢ଼େଇଙ୍କ ଘର ଉଜୁଡ଼ିଗଲା। ଏବେ ଗାଁ ଗଣ୍ଡାରେ ଆଗଭଳି ବାଇ ଚଢ଼େଇ ଦେଖିବାକୁ ମିଳୁନାହାନ୍ତି।

ବାସଗୃହ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସହ ବହୁଳ ଶିଳ୍ପାୟନ ଓ ରାସ୍ତା ସମ୍ପ୍ରସାରଣ ପାଇଁ ତାଳଗଛ ସବୁ କଟାଗଲା, କାରଣ ମଣିଷଙ୍କ ବାସସ୍ଥାନ ଓ ଚଳପ୍ରଚଳ ସ୍ଥାନରେ ତାଳଗଛଟିଏ ରଖିବାକୁ କେହି ଚାହାନ୍ତି ନାହିଁ। ଅନେକ ଗାଁରେ ରହିଥିବା ପୁରୁଣା ତାଳବଣରେ ନାନା ପ୍ରକାର ଜୀବଜନ୍ତୁ ଯଥା କଟାସ, କୋକିଶିଆଳି, ଶାଳିଆପତନି, ଗୁଣ୍ଡୁଚିମୂଷା ଇତ୍ୟାଦି ବାସ କରୁଥିବା ବେଳେ ଏବେ ସେ ସବୁ ପୂରାପୂରି ପଦା ହେବାକୁ ବସିଲାଣି।

ପୃଥିବୀରେ ମରୁଭୂମିଠାରୁ ଆରମ୍ଭକରି ଚିରହରିତ୍ ଜଙ୍ଗଲ ପର୍ଯ୍ୟନ୍ତ ପ୍ରାୟ ଅଢ଼େଇ ହଜାର ପ୍ରଜାତିର ବିଭିନ୍ନ ତାଳଗଛ ଦେଖିବାକୁ ମିଳିଥାଏ। କିନ୍ତୁ ଏବେ ଏଥିରୁ କିଛି ପ୍ରଜାତିଙ୍କର ବିଲୁପ୍ତି ଘଟିବା ଓ ଅଧିକାଂଶ ନିଜ ସଂଖ୍ୟା ବଜାୟ ରଖିବାକୁ ସଂଘର୍ଷ କରିବା କଥା ପରିବେଶବିତ୍‌ମାନଙ୍କ ଚିନ୍ତାର କାରଣ ହୋଇଛି। ମେସୋପଟାମିଆ ସଭ୍ୟତାର ଆରମ୍ଭ କାଳରେ ସେଠାକାର ଲୋକମାନେ ତାଳକୁ ହିଁ ମୁଖ୍ୟ ଖାଦ୍ୟ ଭାବେ ଗ୍ରହଣ କରିଥିଲେ। ରୋମ୍‌ରେ ତାଳଗଛର ବାହୁଙ୍ଗାକୁ ଯୁଦ୍ଧ ଓ କ୍ରୀଡ଼ାରେ ବିଜୟର ପ୍ରତୀକ ଭାବରେ ଗ୍ରହଣ କରାଯାଇଛି। ଯିଶୁଖ୍ରୀଷ୍ଟଙ୍କ ଜେରୁଜେଲମରେ ପ୍ରବେଶ ପରେ ତାଙ୍କୁ ସ୍ୱାଗତ ଜଣାଇ ପାମ୍ ସଣ୍ଡେ ମହୋତ୍ସବ ପାଳନ କରାଯାଇଥିଲା ଓ ଏହାର ପ୍ରାୟ ଗୋଟିଏ ସପ୍ତାହ ପରେ ସେଇ ମହାନ୍ ବ୍ୟକ୍ତିଙ୍କର କ୍ରୁଶବିଦ୍ଧ କରାଯାଇଥିଲା। ସେଇ ତାଳଗଛର ବାହୁଙ୍ଗାରେ ସଜାହୋଇଥିବା ତ୍ୟାଗ ଓ ବଳିଦାନର ସପ୍ତାହ ଏବେ ମଧ୍ୟ ଖ୍ରୀଷ୍ଟିଆନ ଭାଇମାନେ ପାଳନ କରିଆସୁଛନ୍ତି।

ତାଳଗଛ ଯିଏ କି ମଣିଷ, ଜୀବଜନ୍ତୁ ଓ ପରିବେଶର ଉପକାରୀ ବନ୍ଧୁ, ସିଏ ଆଜି ମହା ସଙ୍କଟରେ। ଏବେ ବେଳ ଆସିଛି ଫାଙ୍କା ସ୍ଥାନ ଦେଖି ତାଳଗଛ ଯଥାସମ୍ଭବ ରୋପଣ କରାଯିବା ଉଚିତ। କାରଣ ତାଳଗଛ ସଂଖ୍ୟା ଯେଉଁହାରରେ ହ୍ରାସ ପାଉଛି ଯଦି ସେଇ ତୁଳନାରେ ଏହା କିଛି ମାତ୍ରାରେ ଭରଣା ନ ହୁଏ, ତେବେ ଏହା ନିଶ୍ଚିତ ଭାବରେ ପୃଥିବୀର ସମଗ୍ର ଜୀବଜଗତକୁ ସଙ୍କଟ ମୁହଁକୁ ଟାଣି ନେବ।

ବରମୁଣ୍ଡଳୀ, ଜଗତ୍‌ସିଂହପୁର, ମୋ–୭୮୭୩୭୧୯୦୫୬

## ଏଇ ଭାରତରେ

ସୋସିଆଲ୍ ମିଡିଆ ଯୋଗୁ ମଧ୍ୟପ୍ରଦେଶର ଇନ୍ଦୋର ନିକଟବର୍ତ୍ତୀ ମହୁ ଅଞ୍ଚଳର ଜଣେ ବ୍ୟକ୍ତି ୨୮ ବର୍ଷ ପରେ ଘରକୁ ବାହୁଡ଼ିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସ୍ଥାନୀୟ ଦତୌଦା ନିବାସୀ ଜୈତ୍‌ରାମ୍ ପାରିବାରିକ କଳହ ଯୋଗୁ ଘର ଛାଡିଥିଲେ। ସେତେବେଳେ ତାଙ୍କ ପୁତ୍ର ବାଳକୃଷ୍ଣର ବୟସ ୩ ବର୍ଷ ହୋଇଥିବାବେଳେ ଝିଅ ମଞ୍ଜୁଙ୍କ ବୟସ ମାତ୍ର ୮ ମାସ ହୋଇଥିଲା। ମା' ଦୁଃଖକଷ୍ଟରେ ମୂଲଲାଗି ପିଲାଙ୍କୁ ପାଳିବା ସହିତ ସେମାନଙ୍କର ବିବାହ କରାଇଥିଲେ। ତେବେ ବାଳକୃଷ୍ଣ ୧୦ମ ପାସ୍ କରିବା ପରେ ବାପାଙ୍କୁ ଖୋଜିବା ଆରମ୍ଭ କରିଥିଲେ। ବିଭିନ୍ନ ମନ୍ଦିର, ଆଶ୍ରମ ଆଦିରେ ସେ ପିତାଙ୍କୁ ଖୋଜିବା ସହିତ ଚିହ୍ନା ପରିଚିତ ଲୋକଙ୍କୁ ଜୈତ୍‌ରାମ୍‌ଙ୍କ ଫଟୋ ଦେଉଥିଲେ। ଚଳିତ ଏପ୍ରିଲ୍ ୧ରେ ଖଜୁରାମ୍ ମନ୍ଦିରରେ ତାଙ୍କ ବାପାଙ୍କ ଫଟୋ ସହ ମେଳ ଖାଉଥିବା ଜଣେ ବ୍ୟକ୍ତିଙ୍କ ସମ୍ପର୍କରେ ବାଳକୃଷ୍ଣଙ୍କ ବନ୍ଧୁ ଫୋନ୍ କରି ଜଣାଇଥିଲେ। ସେଠାରେ ପହଞ୍ଚିବା ବେଳକୁ ବ୍ୟକ୍ତି ଜଣକ ସେଠାରୁ ଚାଲିଯାଇଥିଲେ। ଏହାର ଦୁଇଦିନ ପରେ ପୁଣି ଜଣେ ବ୍ୟକ୍ତି ବାଳକୃଷ୍ଣଙ୍କୁ ସେହି ଲୋକଙ୍କ ସମ୍ପର୍କରେ ଖବର ଦେବା ସହିତ ହ୍ୱାଟସ୍‌ଆପ୍‌ରେ ଫଟୋ ଏବଂ ଭିଡିଓ ପଠାଇଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କୁ ସେଠାରେ ଅଟକାଇ ରଖିବା ପାଇଁ ବାଳକୃଷ୍ଣ ଅନୁରୋଧ କରିଥିଲେ। ଏହାପରେ ମା'ଙ୍କୁ ନେଇ ବାଳକୃଷ୍ଣ ସେଠାରେ ପହଞ୍ଚିଥିଲେ। ମା' ବାପାଙ୍କୁ ଚିହ୍ନିବା ସହିତ ତାଙ୍କ ପାଦତଳେ କାନ୍ଦି କାନ୍ଦି ଲୋଟି ପଡ଼ିଥିଲେ। ଏହାପରେ ଜୈତ୍‌ରାମ୍ ଘରକୁ ବାହୁଡ଼ିଥିଲେ। ହ୍ୱାଟ୍‌ସ୍‌ଆପ୍ ଭଳି ସୋସିଆଲ ମିଡିଆ ଯୋଗୁ ଏହା ସମ୍ଭବ ହୋଇପାରିଲା ବୋଲି ଚର୍ଚ୍ଚା ହେଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଏପ୍ରିଲ ୧୯୯୪

- ରୁଆଣ୍ଡାରେ ଯୁଦ୍ଧର ଅବସାନ ଏବଂ ଏକ ମଧ୍ୟବର୍ତ୍ତିକାଳୀନ ସରକାର ଗଠନ ନିମନ୍ତେ ଯୁଦ୍ଧରତ ଦୁଇ ଗୋଷ୍ଠୀ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ।
- ବୟୋଜ୍ୟେଷ୍ଠ କମ୍ୟୁନିଷ୍ଟ ନେତା ତଥା ପୂର୍ବତନ ସିପିଆଇ ସାଧାରଣ ସମ୍ପାଦକ ଚନ୍ଦ୍ରା ରାଜେଶ୍ୱର ରାଓଙ୍କ ପରଲୋକ।
- ବିଚାରପତି ପ୍ରକାଶ ଚନ୍ଦ୍ର ନାୟକଙ୍କୁ ଓଡ଼ିଶା ହାଇକୋର୍ଟର ନୂତନ ବିଚାରପତି ରୂପେ ନିଯୁକ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### କୃଷକର ଉନ୍ନତିରେ ଦେଶର ଉନ୍ନତି

ମହାଶୟ,

୨୦୧୯ ନିର୍ବାଚନକୁ ଆଖି ଆଗରେ ରଖି କେନ୍ଦ୍ର ଓ ରାଜ୍ୟ ସରକାର କୃଷିଋଣ ଛାଡ଼ ପାଇଁ ଯେଉଁ ପ୍ରତିଯୋଗିତା ଆରମ୍ଭ କରିଛନ୍ତି, ଏହାଦ୍ୱାରା କେନ୍ଦ୍ର ଓ ରାଜ୍ୟ ଉପରେ ଅତିରିକ୍ତ ଆର୍ଥିକ ବୋଝ ପଡ଼ିବା ସଙ୍ଗେସଙ୍ଗେ ଋଣ କରି ନ ଶୁଝିବାକୁ ଦେଶର କୃଷକମାନେ ପ୍ରୋତ୍ସାହିତ ହେବେ। ଦେଶ ଦେବାଳିଆ ହୋଇଯିବ। ଏହା ଯେପରି ଋଣ କରି ଘିଅ ଖାଇବା ସହ ସମାନ। ଯଦି ସରକାର ଚାଷ ଓ ଚାଷୀର ଉନ୍ନତି ଚାହୁଁଛନ୍ତି, ତା'ହେଲେ ବିନା ମୂଲ୍ୟରେ ଉଠା ଜଳସେଚନ ମାଧ୍ୟମରେ ଜଳ, ସ୍ୱଳ୍ପ ମୂଲ୍ୟରେ ଉନ୍ନତ ବିହନ ଓ ସାର ଯୋଗାଇ ଦିଅନ୍ତୁ। ଏହାଦ୍ୱାରା ଦେଶର ଚାଷୀ ଉପକୃତ ହେବେ। ଚାଷ ପ୍ରତି ଚାଷୀର ଆଗ୍ରହ ବଢିବ। ଚାଷ ଦ୍ୱାରା ଉତ୍ପାଦିତ ସାମଗ୍ରୀର ଉପଯୁକ୍ତ ବଜାର ମୂଲ୍ୟ ମିଳିବାରେ ସରକାର ସହଯୋଗର ହାତ ବଢ଼ାଇବା ଉଚିତ। ଆବଶ୍ୟକ ସ୍ଥଳେ ବଳକା ଉତ୍ପାଦିତ ଦ୍ରବ୍ୟକୁ ସରକାର କ୍ରୟକରି ତାହାର ସଂରକ୍ଷଣ କରି ପରେ ବିକ୍ରି କରନ୍ତୁ। ବଜାର ଦର ନିୟନ୍ତ୍ରଣ କରି ଚାଷୀ ଓ ଖାଉଟିଙ୍କୁ ସହାୟକ ହୁଅନ୍ତୁ। ପ୍ରତି ପଞ୍ଚାୟତରେ ଖାଦ୍ୟଶସ୍ୟ ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ସ୍ଥାପନ କରନ୍ତୁ।

ବଂଶୀଧର ନାୟକ, ଗୋପାଳପୁର, କଟକ

### ଘରେ ନ ପଶୁଣୁ ଚାଳ ବାଜିଲାଣି

ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜ୍ୟରେ ରାଜନୈତିକ ଉଷ୍ମତା ସେତିକି ବଢ଼ି ବଢ଼ି ଚାଲିଛି। ତା'ସାଙ୍ଗକୁ ରାଜନୈତିକ ହିଂସା ମଧ୍ୟ ଘଟିଲାଣି। ସଦ୍ୟ କେନ୍ଦୁଝର ଜିଲାର ଘଷିପୁରାରେ ପୂର୍ବତନ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ବେହେରାଙ୍କୁ ଘରୁ ଡାକିଆଣି ତାଙ୍କର ଦୁଇହାତ ଓ ଗୋଡ଼କୁ ହାଣି ହତ୍ୟା କରି ଚାଲିଗଲେ। ଏହା ରାଜନୈତିକ ଆକ୍ରୋଶ ଛଡ଼ା ଆଉ କିଛି ନୁହେଁ। ମଣିଷ ଏତେ ହିଂସ୍ର ହୋଇଉଠୁଛି ଯେ ପଦପଦବୀ ଆଗରେ ମଣିଷ ଜୀବନ ତୁଚ୍ଛ ହୋଇଯାଇଛି। ନିର୍ବାଚନ ନ ହେଉଣୁ ଏଭଳି ଘଟଣା ଘଟିଲାଣି। କିଏ କହିବ, ନିର୍ବାଚନ ବେଳେ ଓ ପରେ କେତେଜଣ ହତ୍ୟାର ଶିକାର ହେବେ ?

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ବିଜେପି
ଫିର୍ ଏକ୍ ବାର୍ ମୋଦି ସରକାର
ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାର
ନୂଆ ଓଡ଼ିଶା ପାଇଁ ସଂକଳ୍ପ
ସବୁ ଜିଲ୍ଲାରେ ମେଡିକାଲ କଲେଜ୍ ପ୍ରତିଷ୍ଠା

ନୂଆ ଆଶା, ପୂରା ଭରସା, ମୋଦିଙ୍କ ସାଥେ ନୂଆ ଓଡ଼ିଶା
Issued by BJP, 4R-3/2, Kharavel Nagar, Unit-3, Bhubaneswar
ଏମ୍‌ପି ଏବଂ ଏମ୍‌ଏଲ୍‌ଏ ପାଇଁ
ପଦ୍ମଫୁଲ ଚିହ୍ନରେ ଦୁଇଥର ଭୋଟ୍ ଦିଅନ୍ତୁ

## ସଂକ୍ଷେପରେ

### କାର୍ଯ୍ୟକ୍ଷମ ହେଉନି ବିଦ୍ୟୁତ୍ ଟ୍ରାନ୍ସଫର୍ମର

**ବାଲିଆପାଳ, ୯।୪(ଡି.ଏନ.ଏ.):** ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ମକର ଛକରେ ଦୀର୍ଘଦିନ ହେଲା ବିଦ୍ୟୁତ ବଣ୍ଟନକାରୀ ସଂସ୍ଥା ନେସ୍କୋ ପକ୍ଷରୁ ଟ୍ରାନ୍ସଫର୍ମର ବସାଯାଇଛି। ମାତ୍ର ତାହା କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଉପଭୋକ୍ତାମାନେ ହନ୍ତସନ୍ତ ହେଉଛନ୍ତି। ୬ ମାସ ପୂର୍ବରୁ ତାର ଟଣା ଓ ଅନ୍ୟାନ କାର୍ଯ୍ୟ ସରିଯାଇଥିଲେ ବି ବିଦ୍ୟୁତ ସଂଯୋଗ ଦିଆଯାଉନାହିଁ। ଏଠାରେ ଅଧିକାଂଶ ଅନୁସୂଚିତ ଜାତିର ଲୋକ ବସବାସ କରନ୍ତି। ପ୍ରାୟ ୨ରୁ ୩ଶହ ପରିବାର ବିଦ୍ୟୁତ୍ ସଂଯୋଗ ନେବା ପାଇଁ ଅପେକ୍ଷା କରିଛନ୍ତି। ଠିକାଦାର ତାର ଓ ଟ୍ରାନ୍ସଫର୍ମର ସମସ୍ତ କାମ ସାରିଦେଇଥିବା ବେଳେ ନେସ୍କୋ କର୍ତ୍ତୃପକ୍ଷ କ'ଣ ପାଇଁ ତାହାକୁ ଚାର୍ଜ କରୁନାହାନ୍ତି ତାହା ବୁଝାପଡୁନାହିଁ। ଏବେ ଗ୍ରୀଷ୍ମଋତୁ ଆରମ୍ଭ ହୋଇଯାଇଥିବାରୁ ଉପଭୋକ୍ତାମାନେ ଅସହ୍ୟ ଗୁଳୁଗୁଳିରେ ଆଉଟପାଉଟ ହେଉଛନ୍ତି। ତେବେ କର୍ତ୍ତୃପକ୍ଷ ଆଗାମୀ ଏକ ସପ୍ତାହ ମଧ୍ୟରେ ଟ୍ରାନ୍ସଫର୍ମର ଚାର୍ଜ କରି ଉପଭୋକ୍ତାଙ୍କୁ ବିଦ୍ୟୁତ ସଂଯୋଗ ନ ଦେଲେ ଗ୍ରାମର ଶିବନାରାୟଣ ପାଲ, ପୁରୁଷୋତ୍ତମ ଜେନା, ନବ କୁମାର ଜେନା, ସୁଶାନ୍ତ ମଣ୍ଡଳ, କାହ୍ନୁ ପାଲ, ଚନ୍ଦ୍ର ମୋହନ ଦାସ, ବ୍ରଜହରି ମଣ୍ଡଳ, ମଞ୍ଜୁଲତା ଜେନା ପ୍ରମୁଖ ବାଧ ହୋଇ ବାଲିଆପାଳ ନେସ୍କୋ ଅଫିସ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ବିଷୟରେ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ବିଭାଗୀୟ ଯନ୍ତ୍ରୀ ତପନ ପରିଡା କହିଛନ୍ତି।

### ଶିଶୁ କବିତା ପାଠୋତ୍ସବ

**ବାଲେଶ୍ୱର ଅଫିସ, ୯।୪:** ବାଲେଶ୍ୱର ଜିଲା ନାରୀସଂଘ ରାଧାଦେବୀ ଶିଶୁ ପାଠାଗାରର ଆମ ସାହିତ୍ୟ ଟୁର୍ଙ୍ଗି ଆନୁକୂଲ୍ୟରେ ଶିଶୁମାନଙ୍କ ଉପରେ ଏକ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁମାନଙ୍କ ଉପରେ କବିତା ବିଷୟରେ ଆଲୋଚନା ହୋଇଥିଲା। ପ୍ରଦୀପ ଚାଟାର୍ଜୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କବି ପୀତାମ୍ବର ଦାସ ଏବଂ ସମ୍ମାନନୀୟ ଅତିଥି ଭାବେ ଅଞ୍ଜଳି ପଣ୍ଡା ନିଜ ନିଜର ଦାୟିତ୍ୱ ସମ୍ପାଦନ କରିଥିବା ବେଳେ କଲ୍ୟାଣୀ ନନ୍ଦ କବିତା ସଂଯୋଜନା କରିଥିଲେ। ପୁଷ୍ପଲତା ମହାନ୍ତି ଆବାହିକା ଭାବେ ଦାୟିତ୍ୱ ତୁଲାଇଥିଲେ। ଡ. ଶିରୀଶ ଚନ୍ଦ୍ର ଜେନା, ଜ୍ୟୋତ୍ସ୍ନା ରାୟ, ସୁବ୍ରତା ମହାନ୍ତି, ସୁଧାକର ସେଠୀ, ଡ. କୁମାର ଗୋପାଲ, ଚିତ୍ରାରାଣୀ ପାତ୍ର, ଡ. ରତ୍ନାକର ସିଂହ, ସୁବ୍ରତା ମହାନ୍ତି ପ୍ରମୁଖ ସ୍ୱରଚିତ କବିତାପାଠ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ବାସନ୍ତୀ ନାୟକ, ହେମଲତା ଦାସ, ପ୍ରତିମା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅପର୍ଣ୍ଣା ମହାପାତ୍ର ଶେଷ ବକ୍ତବ୍ୟ ରଖିଥିବାବେଳେ ତପନ ରାୟ ଧନ୍ୟବାଦ ଦେଇଥିଲେ।

# ଭକ୍ତିମୟ ଚନ୍ଦନେଶ୍ୱର ଶୈବପୀଠ

- କାମିନୀ ବିବାହ ଆଜି
- ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

**ଭୋଗରାଇ, ୯।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ଚନ୍ଦନେଶ୍ୱର ଜୀଉଙ୍କ ବିଶ୍ୱ ପ୍ରସିଦ୍ଧ ଚୈତ୍ର ଚଡ଼କମେଳା ମଙ୍ଗଳବାର ଥିଲା ପାଞ୍ଚ ଅର୍ଘ୍ୟ। ପାଞ୍ଚ ଅର୍ଘ୍ୟ ସୁଦ୍ଧା ଜୀଉଙ୍କଠାରେ ଉପବୀତଧାରୀ ଭକ୍ତଙ୍କ ସଂଖ୍ୟା ୪୦ହଜାରରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ପ୍ରତିକୂଳ ପାଗ ସତ୍ତ୍ୱେ ଓଡ଼ିଶା ସମେତ ପଡ଼ୋଶୀ ପଶ୍ଚିମବଙ୍ଗର ଦୂରଦୂରାନ୍ତରୁ ଅସଂଖ୍ୟ ଶୈବଭକ୍ତଙ୍କ ମନ୍ଦିରକୁ ଆଗମନ ହୋଇଛନ୍ତି। ହୁଗୁଳି ଗ୍ରାମର ଜଳଯନ୍ତ୍ର ଦେବତା ଚନ୍ଦନେଶ୍ୱର ମହାଦେବ ୪କି.ମି. ପରିଧି ମଧ୍ୟରେ ହଜାର ହଜାର ଉପବୀତଧାରୀ ଭକ୍ତ ବିଭିନ୍ନ ସ୍ଥାନରେ ଅବସ୍ଥାନ କରୁଥିବାବେଳେ ସେବାୟତ ଓ ପଣ୍ଡା ଯାତ୍ରୀନିବାସଠାରେ ରହି ଜୀଉଙ୍କ ବ୍ରତପାଳନ କରୁଛନ୍ତି। ଚନ୍ଦନେଶ୍ୱର ଜୀଉଙ୍କ ବିବାହ ମାସ ହୋଇଥିବାରୁ ସହସ୍ରାଧିକ ମହିଳା ମନ୍ଦିର ପରିସର ମନସ୍କାମନା ପୂର୍ଣ୍ଣ ପାଇଁ ଅଧିଆ ପଡ଼ିଛନ୍ତି। ଚନ୍ଦନେଶ୍ୱର ଜୀଉଙ୍କ ହରିବୋଲ ଧ୍ୱନିରେ ପୀଠ ପ୍ରକମ୍ପିତ ହୋଇଛି। ପ୍ରତ୍ୟୁଷରୁ ହଜାର ହଜାର ଭକ୍ତ ଜୀଉଙ୍କ ଗର୍ଭଗର୍ଭରେ ପଇଡ଼, କ୍ଷୀର, ଫୁଲ, ଚନ୍ଦନ, ବେଲପତ୍ର ଦେଇ ପୂଜାର୍ଚ୍ଚନା କରିବା ସହିତ ଜଳାଭିଷେକ କରିଛନ୍ତି। ମହାଦେବଙ୍କ ଶ୍ରେଷ୍ଠ ଭକ୍ତ ପାଟଭକ୍ତ, ଦେଉଳିଆ, ଶ୍ରୀବେକିଡ଼ି ସହିତ ପାଟଭକ୍ତଙ୍କ ଘରେ ଦୁର୍ଗାଘଟ ସ୍ଥାପନ, ସେବାୟତ ଘରକୁ ଯାଇ ଶିବଦୁର୍ଗା ବିବାହ ନିମନ୍ତେ ଆମନ୍ତ୍ରଣ, ନିତ୍ୟ ପୂଜା ମଙ୍ଗଳବାର ସମାପନ ହୋଇଛି।


ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼।

ବୁଧବାର ଦେବ ଦେବ ମହାଦେବ ଚନ୍ଦନେଶ୍ୱର ଜୀଉଙ୍କ ସହିତ ସୁନ୍ଦରୀ କାମିନୀ ନାମକ ଅସୁରୁଣୀକୁ ମନ୍ଦିର ରୁଦ୍ଧଦ୍ୱାରରେ ବିବାହ କରିବେ। ଏଥିନିମନ୍ତେ ଭଞ୍ଜପୁର ଗ୍ରାମର ମାଳାକାର ଘରେ କାମିନୀ ଠାକୁରାଣୀଙ୍କୁ ସୁସଜ୍ଜିତ ରଥରେ ଶାହାନାଇ ବାଦ୍ୟ ତାଳେ ତାଳେ ରୋଷଣି ସହ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଟ୍ରଷ୍ଟ ବୋର୍ଡ଼ର ସଦସ୍ୟ, ସେବାୟତ, ପ୍ରଶାସନ, ଉପବୀତଧାରୀ ଭକ୍ତ, ପାଟଭକ୍ତ, ଦେଉଳିଆ, ଶ୍ରୀବେକିଡ଼ି ମନ୍ଦିର ବିଜେ କରିବେ।

କଲିକତା ଆରାମବାଗ ଅଞ୍ଚଳର ସସ୍ମିତା ଧାରା ଓ ଗଙ୍ଗାସାଗରରୁ ଆସିଥିବା ଦେବୁ ଦାସ କୁହନ୍ତି ବାବାଙ୍କ ଅପାର କରୁଣା ରହିଛି। ପରିବାରର ମଙ୍ଗଳ ପାଇଁ ସେ ଦୁଇବର୍ଷ ଧରି ବାବାଙ୍କଠାରେ ଅଧିଆ ପଡିଛନ୍ତି। ସେହିପରି ଭଦ୍ରଖ ଧାମରା କଇଁତଖୋଳା ଗ୍ରାମରୁ ସୀତା ମଣ୍ଡଳ, ବାଲିଆପାଳର ସିଂଲା ଥାନା ଶାସନଗ୍ରାମର କାବେରୀ ଜେନାଙ୍କ ସହିତ ଓଡ଼ିଶା ଓ ପଶ୍ଚିମବଙ୍ଗର ବହୁ ଶ୍ରଦ୍ଧାଳୁ ନିଜ ଏବଂ ପରିବାରର ଦୁଃସାଧ୍ୟ ରୋଗ, ବନ୍ଧ୍ୟାନାରୀଙ୍କ ସନ୍ତାନ ନିମନ୍ତେ ଜୀଉଙ୍କଠାରେ ଭକ୍ତିପୂତ ଅଧିଆ ପଡିଛନ୍ତି।

ଚଳିତବର୍ଷ ପ୍ରସିଦ୍ଧ ଚୈତ୍ର ଚଡ଼କ ମେଳା ନିମନ୍ତେ ମନ୍ଦିର ସହିତ ସମ୍ବେଦନଶୀଳ ସ୍ଥାନରେ ୧୬ଟି ସିସି କ୍ୟାମେରା ସଂଯୋଗ ହୋଇଥିବାବେଳେ ଭକ୍ତଙ୍କ ସକାଶେ ମନ୍ଦିର ପୂର୍ବପାଖ ମୁଖ୍ୟ ଫାଟକରୁ ବିଜୁ ପଟ୍ଟନାୟକ ଗୋଲେଇ ପର୍ଯ୍ୟନ୍ତ ବ୍ୟାରିକେଡ଼ କରାଯାଇ ଗୋଟିଏ ପଥ ଖୋଲାଯାଇଛି। ପ୍ରସିଦ୍ଧ ମେଳାରେ ଜିଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାରଙ୍କ ସହ ଜଣେ ଅତିରିକ୍ତ ଏସ୍‌ପି, ୫ ଡିଏସ୍‌ପି, ୧୫ ଇନ୍ସପେକ୍ଟର, ୫୦ ସବ୍‌ଇନ୍ସପେକ୍ଟର, ୫୦ କନଷ୍ଟେବଳ, ଶହେ ହୋମଗାର୍ଡ଼, ୧୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି ବୋଲି ଏସ୍‌ଡିପିଓ ସୁଦର୍ଶନ ଦାସ କହିଛନ୍ତି।

### ନୀଳଗିରି ଛାତ୍ର କଂଗ୍ରେସର ପ୍ରତିଷ୍ଠା ଦିବସ

**ସଜନାଗଡ଼, ୯।୪(ଡି.ଏନ.ଏ.)**

ନୀଳଗିରି ଏନ୍‌ଏସି ଅନ୍ତର୍ଗତ କଂଗ୍ରେସ ଭବନ ପରିସରରେ ମଙ୍ଗଳବାର ପୂର୍ବାହ୍ଣରେ ଛାତ୍ର କଂଗ୍ରେସର ୪୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ପ୍ରତିଷ୍ଠା ଦିବସରେ ମିଡ଼ିଆ ସଂଯୋଜକ ତଥା ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସର ଅଭିଷେକ ବେହେରା ପତାକା ଉତ୍ତୋଳନ କରିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଛାତ୍ର କଂଗ୍ରେସର ପ୍ରତିଷ୍ଠାତା ଇନ୍ଦିରା ଗାନ୍ଧୀଙ୍କୁ ସ୍ମରଣ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଆନନ୍ଦ ଉଲ୍ଲାସ ଭିତରେ ଛାତ୍ର କଂଗ୍ରେସର ସମସ୍ତ କର୍ମୀ ଏହି ଉତ୍ସବକୁ କେକ୍ କାଟି ପାଳନ କରିଥିଲେ। ଆଗାମୀ ଦିନରେ ଛାତ୍ରୀଛାତ୍ରଙ୍କ ସ୍ୱାଭିମାନ, ହକ୍, ଅଧିକାରର ଲଢ଼େଇ ପାଇଁ ସଂକଳ୍ପ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ହରପ୍ରସାଦ ଷଡ଼ଙ୍ଗୀ, ଚନ୍ଦ୍ରକାନ୍ତ ରାଉତ, ରଣଜିତ୍ ପ୍ରଧାନ, ସତ୍ୟଜିତ୍ ପ୍ରଧାନ, ଶେଖର ନାୟକ, ଅମରଜ୍ୟୋତି ଘଡ଼ାଇ, ରମେଶ ରାଉଳ, ବାସୁଦେବ ବିଶ୍ୱାଳଙ୍କ ସମେତ ବହୁ ଛାତ୍ରୀଛାତ୍ର, ସମର୍ଥକ, କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ମୃତ ପୁଅକୁ ଝୁରି ଆଖିବୁଜିଲେ ମା'

**ଖଇରା, ୯।୪(ଡି.ଏନ.ଏ.)**


ଶୁକମଣି।

ପୁଅର ମୃତ୍ୟୁ ହେବା ପରେ ତାଙ୍କୁ ଝୁରି ଝୁରି ତାଙ୍କ ମା'ଙ୍କ ମୃତ୍ୟୁ ହେବା ଭଳି ଦୁଃଖଦ ଘଟଣା ଘଟିଛି ଖଇରା ବ୍ଲକ ଅଧୀନ ନନ୍ଦୁର ଗ୍ରାମରେ। ଉକ୍ତ ଗ୍ରାମର ନିବାସୀ ତଥା ଡାକ ବିଭାଗର ଅବସରପ୍ରାପ୍ତ ବରିଷ୍ଠ ଅଧୀକ୍ଷକ କମଳାକାନ୍ତ ଓଝା ରବିବାର ଅପରାହ୍ଣରେ ଭୁବନେଶ୍ୱର କିମ୍ସରେ ପ୍ରାଣ ହରାଇଥିଲେ। ଏହି ଖବର ତାଙ୍କ ମା' ଶୁକମଣି(୧୦୦)ଙ୍କୁ କୁହାଯାଇ ନ ଥିଲା। ହେଲେ ସୋମବାରଠାରୁ ଶୁକମଣି ତାଙ୍କର ମୃତ ପୁଅକୁ ଝୁରି ହେଉଥିଲେ। ମଙ୍ଗଳବାର ସକାଳେ ବୋହୂ ସୁମିତ୍ରାଙ୍କୁ ଡାକି ପୁଅ ପାଗଳା(ଡାକ ନାମ) କେତେବେଳେ ଆସିବ ବୋଲି ପଚାରିଥିଲେ। ସେ ଭୁବନେଶ୍ୱରୁ ଆସୁଛନ୍ତି ବୋଲି ତାଙ୍କ ବୋହୂ ମିଛ କହିଥିଲେ। ସେହି ସମୟରୁ ସେ ପାଗଳା ପାଗଳା ବୋଲି କହି ଚାଲିଥିଲେ। ଶେଷରେ ଅପରାହ୍ଣରେ ତାଙ୍କର ମଧ ପ୍ରାଣବାୟୁ ଉଡିଯାଇଥିଲା। କମଳାକାନ୍ତଙ୍କ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିବା ସ୍ଥାନରେ ତାଙ୍କ ମା'ଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅର ଜୁଇ ନ ଲିଭୁଣୁ ମା'ର ଜୁଇ ଜଳିବା ସାରା ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

### ୩ ଚୋରା ମଦ ବେପାରୀ ଗିରଫ

**ନୀଳଗିରି, ୯।୪(ଡି.ଏନ.ଏ.):** ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ବ୍ଲକର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୩ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ମୋଟ ୧୬୭ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏନେଇ ବିଭାଗରେ ମାମଲା(ନଂ. ୩/୧୯, ୪/୧୯ ଓ ୫/୧୯) ରୁଜୁ କରାଯାଇ ଗିରଫ ଅଭିଯୁକ୍ତଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଫଗୁ ମାଝି, ଜଗନ୍ନାଥ ମଲିକ ଓ ବାବାଜୀ ବେହେରା। ଜିଲା ଅବକାରୀ ଅଧୀକ୍ଷକ ରାଜେଶ ଭୋତ୍ରାଙ୍କ ନିର୍ଦ୍ଦେଶରେ ଏହି ଚଢାଉ କରାଯାଇଥିଲା।



ଖବରଦାତା ସମ୍ମିଳନୀରେ ବୈଶାଖୀ ମହୋତ୍ସବ କମିଟି କର୍ମକର୍ତ୍ତା।

## ଆଜିଠୁ ବୈଶାଖୀ ମହୋତ୍ସବ

**ବାଲେଶ୍ୱର ଅଫିସ, ୯।୪**

ଚଳିତବର୍ଷ ବୈଶାଖୀ ମହୋତ୍ସବ ୧୦ତାରିଖରୁ ଆରମ୍ଭ ହେବ। ଏନେଇ ବିଭିନ୍ନ କାର୍ଯ୍ୟକ୍ରମ ସହ ଏହି ମହୋତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ କମିଟି ସଭାପତି ଆଇନଜୀବୀ ଅଶୋକ କୁମାର ସେନାପତି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସାଧାରଣ ଲୋକଙ୍କ ମଧ୍ୟରେ ସଂସ୍କୃତି, ସଦ୍‌ଭାବନା, ଶୃଙ୍ଖଳା ଓ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନ ରହିଲେ ଗ୍ରାମାଞ୍ଚଳ ବିକାଶ ଘଟିବା ସମ୍ଭବ ନୁହେଁ। ମହୋତ୍ସବ ମାଧ୍ୟମରେ ଭାଇଚାରା ସୃଷ୍ଟି କରି ବାଲେଶ୍ୱର ଉପକୂଳବର୍ତ୍ତୀ ଇଲାକାର ବିକାଶ ପାଇଁ ବୈଶାଖୀ ମହୋତ୍ସବ ନିରବଚ୍ଛିନ୍ନ ଉଦ୍ୟମ ଜାରି ରଖିଛି ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ।

କମିଟି ସାଧାରଣ ସମ୍ପାଦକ ଭାଗବତ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକାରୀ ସଭାପତି କବି ଶ୍ରୀଦେବ ୫ଦିନିଆ ବୈଶାଖୀ ମହୋତ୍ସବର ନିମନ୍ତ୍ରଣପତ୍ର ଲୋକାର୍ପଣ କରିଥିଲେ। ୩୪ବର୍ଷର ଉଡ଼ାଯାତ୍ରା, ୨୨ବର୍ଷର ମା' ବାସନ୍ତୀ ଦୁର୍ଗାପୂଜା, ବାବା ଈଶାଣେଶ୍ୱର ମନ୍ଦିର ପ୍ରତିଷ୍ଠା, ପ୍ରତିବର୍ଷ ପାଳିତ ହେଉଥିବା କାର୍ତ୍ତିକ ରାଉତ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ ଆଦି ପଛରେ ବୈଶାଖୀ ମହୋତ୍ସବ କମିଟି ସଦସ୍ୟ ଗ୍ରାମବାସୀ, ସାରଗାଁ ପଞ୍ଚାୟତ, ସ୍ଥାନୀୟ ଏମ୍‌ପି ଏବଂ ରାଜ୍ୟ କ୍ରୀଡ଼ା ମନ୍ତ୍ରାଳୟ ପ୍ରମୁଖଙ୍କ ସହଯୋଗ ସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ଆଗାମୀ ଦିନରେ ଉଦ୍ୟମ ଅବ୍ୟାହତ ରଖିବା ପାଇଁ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସେଠୀ, କମିଟି ଉପସଭାପତି ଲକ୍ଷ୍ମୀକାନ୍ତ ସ୍ୱାଇଁ, ସତୀନାଥ ମାଝୀ, ନରେନ୍ଦ୍ର ଦାସ, ଉପସଭାନେତ୍ରୀ ସସାରିକା କର, ସାରଗାଁ ସରପଞ୍ଚ ରବୀନ୍ଦ୍ରନାଥ ନାୟକ ଏବଂ ସଦସ୍ୟ ଚକ୍ରଧର ସାହୁ ପ୍ରମୁଖ ନିବେଦନ କରିଥିଲେ।

### ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ

**ରେମୁଣା, ୯।୪(ଡି.ଏନ.ଏ.)**

ରେମୁଣା ହାଇସ୍କୁଲ ୧୯୭୫ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ ଉତ୍ସବ 'ସ୍ମୃତି ମହକ ୨୦୧୯' ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନେକ ଛାତ୍ରୀଛାତ୍ର ପୁରୁଣା ସ୍ମୃତିକୁ ବଖାଣି ଭାବବିହ୍ୱଳ ହୋଇଯାଇଥିଲେ। ସମସ୍ତେ ବୟସ ଅପରାହ୍ଣରେ ପହଞ୍ଚିଥିଲେ ମଧ୍ୟ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ।

ପ୍ରାରମ୍ଭରେ ଗୋପୀନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହିତ ଧୂପଦୀପ ପ୍ରଜ୍ୱଳନ ପୂର୍ବକ ବେଦପାଠ କରି ପରସ୍ପରର ଶୁଭ ମନାସିଥିଲେ। ଗୋପାଳ ବିଶୋଇଙ୍କ ସଭାପତିତ୍ୱରେ 'ସ୍ମୃତି ମହକ' ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ସମ୍ପାଦକ ପ୍ରଦୀପ କୁମାର ମିଶ୍ର ବିବରଣୀ ପାଠ ଓ ସ୍ୱାଗତ ଭାଷଣ ଦେଇଥିଲେ। ରମେଶ ଚନ୍ଦ୍ର ରଣା, ଅଜୟ ମହାନ୍ତି, ପ୍ରଭାକର ସାହୁ ଅନୁଷ୍ଠାନର ଆଭିମୁଖ୍ୟ ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ବନ୍ଧରେ ଆଲୋଚନା କରିଥିଲେ। ସନ୍ତୋଷ ବେହେରା, ମନୋରଞ୍ଜନ ସାହୁ, ପ୍ରଶାନ୍ତ ଶତପଥୀ, ପ୍ରଶାନ୍ତ ମହାପାତ୍ର, ଗୋପବନ୍ଧୁ ପଣ୍ଡା, ସତ୍ୟେନ୍ଦୁ ଦାସ, ପାର୍ଥ ପ୍ରତିମ ରାୟ, ମହେନ୍ଦ୍ର ଦାସ, ଜ୍ୟୋତ୍ସ୍ନା ରଣା ବିଭିନ୍ନ ଉପାଦେୟ ପରାମର୍ଶ ଦେଇଥିଲେ। ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଶେଷରେ ସନତ କୁମାର କରଣ ଧନ୍ୟବାଦ ଦେଇଥିଲେ।

## ଆରମ୍ଭ ହେଲା ମଧୁ ଗଣେଶ ପୂଜା

**ଖଇରା, ୯।୪(ଡି.ଏନ.ଏ.)**

ଖଇରା ବ୍ଲକ ସୁଣ୍ଡିରା ପଞ୍ଚାୟତ ଅଧୀନ ଅଣ୍ଡାଇଲୋ ଗ୍ରାମରେ ମଧୁ ଗଣେଶ ପୂଜା ମଙ୍ଗଳବାରଠାରୁ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଆରମ୍ଭ ହୋଇଛି। ମଙ୍ଗଳବାର ଅପରାହ୍ଣରେ ଗ୍ରାମର ମହେନ୍ଦ୍ର ପୃଷ୍ଟି, ନିରଞ୍ଜନ ବିଶ୍ୱାଳ, ମନ୍ଦରଧର ନାୟକ, ଜୟଦେବ ବିଶ୍ୱାଳ, ଭରତ ପୃଷ୍ଟି ପ୍ରମୁଖଙ୍କ ଦ୍ୱାରା ଗ୍ରାମ ପୋଖରୀରୁ କଳସ ଅଣାଯାଇଥିଲା। ପୂଜକ ରବୀନ୍ଦ୍ର ଦାଶ ଓ ଶରତ କୁମାର ପଣ୍ଡାଙ୍କ ଦ୍ୱାରା ବିଘ୍ନନାଶକଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପୂଜା ୭ଦିନ ଧରି ଚାଲିବ। ଯୁବନେତା ମାନସ ଭଞ୍ଜ, ଶିକ୍ଷକ ଅକ୍ଷିତ କୁମାର ଜେନା, ଗୌରହରି ପୃଷ୍ଟି, ପ୍ରହଲ୍ଲାଦ ପୃଷ୍ଟି, ଯୁଧିଷ୍ଠିର ପୃଷ୍ଟି, ପୁରୁଷୋତ୍ତମ ଜେନା, ଲମ୍ବୋଦର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରତ୍ୟେକ ସନ୍ଧ୍ୟାରେ ବ୍ଲକସ୍ତରୀୟ ନୃତ୍ୟଗୀତ ପ୍ରତିଯୋଗିତା ଏବଂ ଶେଷ ଦିନ କ୍ରିଷ୍ଣା ଡ୍ୟାନ୍ସଗ୍ରୁପ ତରଫରୁ ନୃତ୍ୟ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି।


ପୂଜା ପାଉଥିବା ମଧୁ ଗଣେଶଙ୍କ ମୃଣ୍ମୟ ମୂର୍ତ୍ତି।

ମଳକଣ୍ଟକ
ରେ ପୀଡ଼ା, ଜ୍ୱାଳା, ରକ୍ତକ୍ଷରଣ, କୁଣ୍ଡିଆ, ଏନାଲ ଫିଶର୍ସ କିମ୍ବା ଭଗନ୍ଦର ହୋଇପାରେ।
ଶିରାର ଫୁଲାକୁ କମ୍ କରିବା, ରକ୍ତକ୍ଷରଣକୁ ବନ୍ଦ କରିବା, ପାଚନକ୍ରିୟାକୁ ସୁଧାରିବା, ଲିଭର୍‌କୁ ସ୍ୱାଭାବିକ ରଖିବା ଏବଂ ପେଟ ସଫା କରିବାରେ ଫଳପ୍ରଦ।
Jolly Vaseir Anti Piles Capsules
ଅସ୍ତ୍ରୋପଚାରରୁ ବର୍ତ୍ତନ୍ତୁ, ଆପଣାନ୍ତୁ ଉପଯୁକ୍ତ ଓ ଆୟୁର୍ବେଦିକ ଚିକିତ୍ସା
JOLLY
ବାସିର
ଜେଲ୍ ଓ କ୍ୟାପସୁଲ୍
ପ୍ରତ୍ୟେକ ମେଡିକାଲ୍ ଷ୍ଟୋର୍‌ରେ ଉପଲବ୍ଧ। ☎ 0161-520-1588

**BEFORE THE XVIII ADDITIONAL CITY CIVIL AND SESSIONS JUDGE AT BENGALURU**
**O.S. 715/2019 (CCH-10)**

**BETWEEN:**
**T. V. VENUGOPAL, TEADING AS M/S. ASHIKA INCENSE INC., NO. 3911, 14th CROSS, KR ROAD, 9th MAIN CORNER, BANSHANKARI 2ND STAGE, BANGALORE - 560070. ...PLAINTIFF**
**AND**
**1. M.D. ENTERPRISES, 3RD MAIN ROAD, JP NAGAR, 9th PHASE, BANGALORE - 560078.**
**2. JOHN DOE ...DEFENDANTS**

**PUBLIC NOTICE**

1. John Doe
WHEREFORE, the Plaintiff has instituted a suit against the Defendants in O.S. 715/2019 pending on the file of XVIII Additional City Civil and Sessions Judge, Bangalore and the Hon'ble Court was pleased to, vide order dated 11.02.2019, restrain such persons, their men, their agents and any person claiming through them from infringing the Plaintiff's registered trademark Ashika's Sleepwell, by manufacturing or selling goods carrying the said trade mark or in any manner advertising the same. The Hon'ble Court was further pleased to restrain, restrain such person, their men, agents and any person claiming through them from infringing the Plaintiff's registered copyright in the artistic work Ashika's Sleepwell, along with the unique and distinctive colour scheme, by use of identical logo that an overall similarity to and is colourable imitation of the Plaintiff's artistic work in Ashika's Sleepwell.
In view of the above, such persons, their men, their agents and any person claiming through them are hereby directed to refrain from infringing/passing off the registered trademark and copyright in artistic work of the Plaintiff in "Ashika's Sleepwell" as the case may be. Be advised that breach of the said order dated 11.02.2019 amounts to contempt of court and is punishable in law.
Given under my hand and the seal of this Court, this 26th day of March 2019.

**By order of the Court, Asst. Registrar, City Civil Court, Bangalore.**
**Factum Law,**
No. 36, 50 Feet Road, NGEF Layout, RMV 2nd Stage, Sanjay Nagar, Bangalore - 560094.

## ନାମଲେଖା ବିଜ୍ଞାପନ

**ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଈଶ୍ୱରପୁର**
**ପୋଷ୍ଟ: ଈଶ୍ୱରପୁର, ଭାୟା: ବାହାନଗା, ଜିଲ୍ଲା: ବାଲେଶ୍ୱର, ୭୫୬୦୪୨**

ଚଳିତ ଶିକ୍ଷାବର୍ଷ ୨୦୧୯-୨୦ ପାଇଁ ନର୍ସରୀ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର/ଛାତ୍ରୀମାନଙ୍କର ନାମଲେଖା ତା୦୧।୦୪।୧୯ରିଖଠାରୁ ହେଉଅଛି। ପ୍ରବେଶ ଶ୍ରେଣୀ (ନର୍ସରୀ) ଆସନ ସଂଖ୍ୟାର ୨୫% ଛାତ୍ର/ଛାତ୍ରୀମାନଙ୍କର ଶୁଳ୍କ ଦେୟମୁକ୍ତ ଅଟେ। କେବଳ ଅନୁସୂଚିତ ଜାତି, ଜନଜାତି, ସାମାଜିକ ଏବଂ ଆର୍ଥିକ ଅନଗ୍ରସର ଦୁର୍ବଳ ଶ୍ରେଣୀଙ୍କ ପାଇଁ ଏହି ବ୍ୟବସ୍ଥା ଲବ୍ଧ ଅଟେ।

**ସ୍ୱା./- ସମ୍ପାଦକ**

**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, Sector-7, CDA, Cuttack-753014**
**O.A. No. 341/2018**

**Syndicate Bank, Bhubaneswar Main Branch,**
Kalpana Square, Bhubaneswar, Dist.: Khurda .....Applicant
-Versus-
**Bikram Keshari Pradhan** .....Defendant
To,
3. **M/s Tatwamashi Marketing (P) Ltd.,** At- Plot No. 733, Sahid Nagar, Bhubaneswar, Dist.: Khurda-751007, Represented through by its Managing Director **Sri Gyana Ranjan Pal.**

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 341/2018** in the Court of Debts Recovery Tribunal at Cuttack for a recovery of **Rs.49,46,875.26** only together with current and future interest, costs and other relief's. The above mentioned defendants are therefore hereby directed to appear before this Tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **27th May, 2019** at **10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **04th day of April, 2019.**

**Sd/- Registrar (I/C),**
**Debts Recovery Tribunal**

## KEONJHAR INFRASTRUCTURE DEVELOPMENT COMPANY LIMITED

Toll Notification Dt. 28.03.2019
As per the sub rule 4 of Rule 3 of Orissa State Tolls (Determination of Rates & Collection) Rules 2013 the revised toll for the financial year 2019-20 to be collected at our Toll gate at Soraskhola & Kalimati in Palaspanga Bamebari Road w.e.f. 15.04.2019 will be as below.

**PALASPANGA BAMEBARI DOUBLE LANE STATE ROAD 28 Kms**

| | Category of Vehicle | Base Rate of toll for Double Lane (in Rs.) | | |
|---|---|---|---|---|
| | **A. Vehicles carrying other than** | Fee For Single Journery | Fee for Two Times Journery Within 24 hours | Fee for 50 Single Journery within one month |
| | Minerals | | | |
| 1 | Car, Jeep, Van or Light Motor Vehicle | 15 | 25 | 520 |
| 2. | Light Commercial Vehicle (LCV) Light Goods Vehicle | 25 | 35 | 785 |
| 3. | Tractor Trailer | 50 | 75 | 1770 |
| 4. | Trucks (2 axle) | 55 | 90 | 1935 |
| 5. | Trucks (3 axle) and Multi axle Vehcilces (upto 6 axles) | 85 | 125 | 2845 |
| 6. | Heavy Construction Machinery (H.C.M.), Earth Moving Equipment (E.M.E), Oversized Vehicle (with Seven or more axles) | 95 | 150 | 3360 |
| **B.** | **Vehicles Carrying Minerals** | | | |
| 1. | Trucks (2 axle) | 120 | 175 | 4065 |
| 2. | Trucks (3 axle) and Multi Axle Vehicles (upto 6 Axles) | 160 | 245 | 5555 |
| 3. | Oversized Vehicle (with seven or more axles) | 205 | 300 | 6900 |

The rate for monthly pass applicable for local (20 Kms. from either toll gate) Non-commercial vehicle shall be Rs. 100.00 per calendar month.

**For Keonjhar Infrastructure Development Company Ltd.**
**Sd./- Dr. P. K. Mohanty**
**Vice Chairman, (KIDCO LTD.)**







ଲୋକ ସଭା ଓ ବିଧାନସଭା ଲାଗି ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

## ବିଧାନସଭା ଲାଗି ୩୭, ଲୋକ ସଭା ପାଇଁ ୬ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

ବାଲେଶ୍ୱର ଅଫିସ, ୯।୪

ବାଲେଶ୍ୱର ଜିଲା ଲୋକସଭା କ୍ଷେତ୍ର ପାଇଁ ଶେଷ ଦିନରେ ୬ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ବିଧାନସଭା କ୍ଷେତ୍ର ପାଇଁ ୩୭ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ତନ୍ମଧ୍ୟରୁ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଜୀବନ ପ୍ରଦୀପ ଦାଶ ଓ ସ୍ୱାଧୀନ ପ୍ରାର୍ଥୀ ମନୋଜ କୁମାର ନାୟକ, ସିମୁଳିଆ ବିଧାନସଭା ନିର୍ବାଚନମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ଅନନ୍ତ ସେଠୀ, ଭୋଗରାଇ ଭାଜପା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ସ୍ୱାଧୀନ ପ୍ରାର୍ଥୀ ରଣଜିତ୍ କୁମାର ଦାସ, ରେମୁଣା ତୃଣମୂଳ କଂଗ୍ରେସ ପ୍ରାର୍ଥୀ ବିଧାନ ଚନ୍ଦ୍ର ଜେନା ଓ ସ୍ୱାଧୀନ ପ୍ରାର୍ଥୀ ଗାୟତ୍ରୀ ମଲ୍ଲିକ, ଜଳେଶ୍ୱର ସମତା କ୍ରାନ୍ତି ପ୍ରାର୍ଥୀ ଶାନ୍ତନୁ କୁମାର ଦାସ ଓ ସ୍ୱାଧୀନ ପ୍ରାର୍ଥୀ ମଧୁସୂଦନ ଦାସ ପ୍ରମୁଖ ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି।

ସୋମବାର ଦିନ ଭରି ବିଜେଡି, ଭାଜପା, କଂଗ୍ରେସର ପ୍ରମୁଖ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ମଙ୍ଗଳବାର ବିଭିନ୍ନ ଦଳର ପ୍ରାର୍ଥୀ ତଥା ସ୍ୱାଧୀନ ପ୍ରାର୍ଥୀମାନେ ବିଧାନସଭା ପାଇଁ ୩୭ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସମସ୍ତ ପ୍ରାର୍ଥୀମାନେ ନିଜର ସମର୍ଥକମାନଙ୍କ ସହିତ ଶୋଭାଯାତ୍ରାରେ ଆସି ନିର୍ଦ୍ଧାରିତ ଅଧିକାରୀଙ୍କ ପ୍ରକୋଷ୍ଠରେ ପହଞ୍ଚି ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

## ଭାଜପାର ମିଶ୍ରଣ ପର୍ବ

**ଧାମନଗର, ୯।୪ (ଡି.ଏନ.ଏ.):** ଧାମନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଗୋବିନ୍ଦପୁରଠାରେ ଆୟୋଜିତ ମିଶ୍ରଣ ପର୍ବରେ ଗତ ପଞ୍ଚାୟତ ନିର୍ବାଚନରେ ଧାମନଗର ଜୋନ୍‌ରୁ ବିଜେଡିର ଜିଲା ପରିଷଦ ପ୍ରାର୍ଥୀ ଫକୀର ମୋହନ ଜେନା ଓ ଗୋବିନ୍ଦପୁରର ପୂର୍ବତନ ସରପଞ୍ଚ ମିନତି ଜେନା ଭାଜପାରେ ଯୋଗ ଦେଇଛନ୍ତି। ସେହିପରି ସୋହଡ଼ାର ପୂର୍ବତନ ସମିତିସଭ୍ୟ ସନ୍ତୋଷ ଦାସ ଅଧିକାରୀ, ଜୟନଗରର ପୂର୍ବତନ ସରପଞ୍ଚ ସୁବାସ ସାହୁ, ହସନାବାଦର ପୂର୍ବତନ ସରପଞ୍ଚ କମଳାକାନ୍ତ ବେହେରା ପ୍ରମୁଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡି ଛାଡ଼ି ଭାଜପାରେ ମିଶିଛନ୍ତି। ଗୋବିନ୍ଦପୁରଠାରେ ମିଶ୍ରଣ ପର୍ବରେ ରାଜ୍ୟ ଉପସଭାପତି ବିଷ୍ଣୁ ସେଠୀ, ଧୃଷ୍ଟୁରୀ ଜିଲାପରିଷଦ ସଭ୍ୟା ରଞ୍ଜିତା ସ୍ୱାଇଁ, ଗୋବିନ୍ଦପୁର ସରପଞ୍ଚ ଜୟନ୍ତୀ ନାୟକ, ଓବିସି ମୋର୍ଚ୍ଚାର ଜିଲା ସଭାପତି ବ୍ରଜଦେବ ଜେନା, ଶ୍ରୀକାନ୍ତ ନାୟକ, ଆଇଟି ସେଲ୍‌ର ଜିଲା ସଂଯୋଜକ ପ୍ରଶାନ୍ତ ନାୟକ, ସ୍ମୃତିରଞ୍ଜନ ପଣ୍ଡା, ରତ୍ନାକର ନାୟକ ପ୍ରମୁଖ ନୂତନ ନେତାଙ୍କୁ ସ୍ୱାଗତ ଜଣାଇଥିଲେ।

## ନାମାଙ୍କନ ଦାଖଲ କଲେ ମନୋଜ ମଞ୍ଜରୀ

ସଜନାଗଡ଼, ୯।୪(ଡି.ଏନ.ଏ.)



ନୀଳଗିରିରୁ କଂଗ୍ରେସ ବିଧାୟିକା ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

ବାଲେଶ୍ୱର ଜିଲା ନୀଳଗିରି ବିଧାନସଭା ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ବିଧାୟକ ପ୍ରାର୍ଥୀ ରାଣୀ ମନୋଜ ମଞ୍ଜରୀ ଦେବୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ମଙ୍ଗଳବାର ମନୋଜ ମଞ୍ଜରୀ ଓ ବାଲେଶ୍ୱର କଂଗ୍ରେସର ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ନୀଳଗିରି ଜଗନ୍ନାଥ ମନ୍ଦିରରେ ପୂଜା କରିବା ପରେ ପୂର୍ବାହ୍ନ ସାଢ଼େ ୧୧ଟାରେ ୭ ହଜାରରୁ ଊର୍ଦ୍ଧ୍ୱ ସାଥୀ ସମର୍ଥକ, ଶୁଭେଚ୍ଛୁଙ୍କ ସାଙ୍ଗରେ ନେଇ ଶୋଭାଯାତ୍ରା ଆରମ୍ଭ କରିଥିଲେ। ଦଳ ଭିତରେ ଥିବା ଛୋଟବଡ଼ ବିବାଦକୁ ସମାଧାନ କରିବା ସହ ସମସ୍ତ କର୍ମୀଙ୍କୁ ଏହି ଦୁଇ ନେତା ଏବଂ ଯୁବନେତା ଆଶିଷ ପଟ୍ଟନାୟକ ଏକଜୁଟ କରିଥିଲେ। ଶୋଭାଯାତ୍ରା ସହର ପରିକ୍ରମା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅପରାହ୍ନ ଗୋଟାଏରେ ପହଞ୍ଚିଥିଲା। ନୀଳଗିରି ଉପଜିଲାପାଳ ତଥା ରିଟର୍ନିଂ ଅଫିସର ବିଶାଲ ସିଂଙ୍କ ନିକଟରେ ନିଜର ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଅନ୍ୟପକ୍ଷରେ ନୀଳଗିରି ବିଧାନସଭା ପାଇଁ ବିଭିନ୍ନ ଦଳରୁ ୪ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପୁର୍ବାଞ୍ଚଳ ଜନତା ପାର୍ଟି (ସିକ୍ୟୁଲାର)ରୁ ସଞ୍ଜୟ କୁମାର ବାରିକ ନିଜ ସମର୍ଥକଙ୍କୁ ଧରି ନାମାଙ୍କନ ଦାଖଲ କରିଥିଲେ। ବହୁଜନ ମୁକ୍ତି ଦଳରୁ ପ୍ରଫୁଲ୍ଲ ଚନ୍ଦ୍ର ସିଂ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ଏନ୍‌ଏସି (ଆମ୍ବେଡ଼କର ନ୍ୟାଶନାଲ ପାର୍ଟି) ପକ୍ଷରୁ କମଳାକାନ୍ତ ବେହେରା ନିଜର ସମର୍ଥକଙ୍କୁ ଧରି ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଟିଏମ୍‌ସି (ତୃଣମୂଳ କଂଗ୍ରେସ)ରୁ ଲକ୍ଷ୍ମଣ ସିଂ ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

## ଶେଷଦିନରେ ୨୭ ପ୍ରାର୍ଥୀପତ୍ର ଦାଖଲ







ଚାନ୍ଦବାଲି ଓ ବାସୁଦେବପୁର ବିଧାନସଭା ଆସନ ପାଇଁ ଭାଜପା ଓ କଂଗ୍ରେସ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

■ ଲୋକ ସଭା ଆସନ ପାଇଁ ୩, ବିଧାନସଭା ଲାଗି ୨୪ ପ୍ରାର୍ଥୀ

ଭଦ୍ରକ ଅଫିସ, ୯।୪

ମଙ୍ଗଳବାର ଥିଲା ନାମାଙ୍କନପତ୍ର ଦାଖଲର ଶେଷ ଦିନ। ଶେଷ ଦିନରେ ଭଦ୍ରକ ଲୋକ ସଭା ଆସନ ପାଇଁ ୩ ଜଣ ଓ ବିଭିନ୍ନ ବିଧାନସଭା ଆସନ ଲାଗି ୨୪ ଜଣ ମୋଟ ୨୭ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଅନ୍ୟ ପ୍ରାର୍ଥୀମାନେ ନିଜ ସମର୍ଥକଙ୍କ ସହ ସିଧାସଳଖ ବିନା ଶୋଭାଯାତ୍ରାରେ ନିରାଡ଼ମ୍ବରରେ ଆସି ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ଭାଜପା ଓ କଂଗ୍ରେସ ପ୍ରାର୍ଥୀମାନେ ଘଣ୍ଟ, ବାଦ୍ୟର ଶୋଭାଯାତ୍ରାରେ ଆସିଥିଲେ।

ଲୋକ ସଭା ପ୍ରାର୍ଥୀ ଭାବେ ଅଖିଳ ଭାରତ ହିନ୍ଦୁ ମହାସଭାର ପୀତାମ୍ବର ସେଠୀ, ବହୁଜନ ସମାଜବାଦୀ ପାର୍ଟି ପକ୍ଷରୁ ମୁରଲୀଧର ଜେନା, ଆମ୍ବେଡକର ନ୍ୟାଶନାଲ କଂଗ୍ରେସର ଗୋପାଳ ରାମ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ଚାନ୍ଦବାଲି ବିଧାନସଭା ଆସନ ପାଇଁ ଭାଜପାର ମନମୋହନ ସାମଲ, ସ୍ୱାଧୀନ ଭାବେ ସତ୍ୟବ୍ରତ ସାହୁ, ବହୁ ଜନ ସମାଜବାଦୀ ପାର୍ଟିର ଅଜୟ କୁମାର ମହାଳିକ, କଂଗ୍ରେସର ଦିଗମ୍ବର ଦାସ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ସୂର୍ଯ୍ୟନାରାୟଣ ମହାନ୍ତି ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ବାସୁଦେବପୁର ବିଧାନସଭା କ୍ଷେତ୍ର ପାଇଁ ଭାଜପା ପକ୍ଷରୁ ମାଧବାନନ୍ଦ ମଲ୍ଲିକ, କଂଗ୍ରେସର ଅଶୋକ କୁମାର ଦାସ, ସ୍ୱାଧୀନ ପ୍ରାର୍ଥୀ ଭାବେ ସବିତାରାଣୀ ପାକଳ, ବହୁଜନ ସମାଜବାଦୀ ପାର୍ଟି ପକ୍ଷରୁ ନିର୍ମଳ ମଲ୍ଲିକ, ତୃଣମୂଳ କଂଗ୍ରେସ ପକ୍ଷରୁ ନାଥ ବୈରାଗୀ ଦାସ ବେହେରା, ଆମ୍ବେଡକର ନ୍ୟାଶନାଲ କଂଗ୍ରେସର ଏସ୍.କେ ମହମ୍ମଦ ଜମିର୍ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଭଦ୍ରକ ବିଧାନସଭା କ୍ଷେତ୍ର ଲାଗି ବହୁଜନ ସମାଜବାଦୀ ପାର୍ଟି ପକ୍ଷରୁ ସସ୍ମିତା ପାତ୍ର, ସ୍ୱାଧୀନ ପ୍ରାର୍ଥୀ ଭାବେ କାହ୍ନୁଚରଣ ବାରିକ, କୃଷ୍ଣଚନ୍ଦ୍ର ଖଟୁଆ, ତୃଣମୂଳ କଂଗ୍ରେସର ଏସ୍.କେ ମହମ୍ମଦ ଅଲ୍ଲି ଜିନା ଓ ଆମ୍ବେଡକର ନ୍ୟାଶନାଲ କଂଗ୍ରେସ ପ୍ରାର୍ଥୀ ଭାବେ ଖତେମା ଅମର ଅଲ୍ଲି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିଭଳି ଭଣ୍ଡାରିପୋଖରୀ ବିଧାନସଭା ଆସନ ସକାଶେ ତୃଣମୂଳ କଂଗ୍ରେସ ପ୍ରାର୍ଥୀ ଭାବେ ଶିବନାରାୟଣ ବିଶ୍ୱାଳ, ସ୍ୱାଧୀନ ଭାବେ ଅଶୋକ କୁମାର ରାଉତ, ବହୁଜନ ସମାଜବାଦୀ ପାର୍ଟି ପକ୍ଷରୁ ସନ୍ତୋଷ କେରେଇ ଓ ରାଜୀବ ଲୋଚନ ଜେନା ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଧାମନଗର ବିଧାନସଭା କ୍ଷେତ୍ର ଲାଗି ସ୍ୱାଧୀନ ପ୍ରାର୍ଥୀ ଭାବେ ବାଙ୍କବିହାରୀ ଦାସ, ବହୁଜନ ସମାଜବାଦୀ ପାର୍ଟି ପକ୍ଷରୁ ବୁଦ୍ଧିରାମ ସାମଲ, ଅଖିଳ ଭାରତ ହିନ୍ଦୁ ମହାସଭାର ପ୍ରସନ୍ନ କୁମାର ଦାସ ଏବଂ କଳିଙ୍ଗ ସେନା ପକ୍ଷରୁ ଶେଷଦେବ ମହାଳିକ ଅତିରିକ୍ତ ଉପଜିଲାପାଳ ହେମନ୍ତ କୁମାର ବିହାରୀଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି।

## ସ୍କୁଟିରେ ବୁଲି ଭୋଟରଙ୍କୁ ଭେଟୁଛନ୍ତି ସ୍ୱାଧୀନ ପ୍ରାର୍ଥୀ



**କେନ୍ଦୁଝର, ୯।୪(ଡି.ଏନ.ଏ.):** କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀରେ ବର୍ତ୍ତମାନ ନିର୍ବାଚନ ନିମନ୍ତେ ପ୍ରଚାର ଜୋର ଧରିଲାଣି। ପ୍ରାର୍ଥୀମାନେ ନିଜ ଢଙ୍ଗରେ ପ୍ରଚାର କରୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। ଭୋଟରମାନେ ମଧ୍ୟ ଏହି ଦୃଶ୍ୟରୁ ବେଶ ମଜା ନେଉଛନ୍ତି। କିଏ ହୁଇସିଲ ମାରି ପ୍ରଚାର କରୁଛି ତ, ଆଉ କିଏ ସ୍କୁଟିରେ ବୁଲି ଭୋଟରଙ୍କୁ ଭେଟୁଛନ୍ତି। ସଦର ନିର୍ବାଚନ ମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ ସୁବର୍ଣ୍ଣ ନାଏକ ସ୍କୁଟରରେ ବୁଲି ଭୋଟରଙ୍କୁ ଭେଟୁଥିବାର ଦେଖିବାକୁ ମିଳିଛି। ସେ ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ବିଜେଡିର ବିଧାୟକ ଥିଲେ। ଚଳିତ ନିର୍ବାଚନରେ ବିଜେଡି ଟିକେଟ ଦୌଡରେ ଥିଲେ। ଟିକେଟ ନ ମିଳିବାରୁ ସ୍ୱାଧୀନ ଭାବେ ଲଢୁଛନ୍ତି।

## ଭାଜପା ଛାଡ଼ିଲେ ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ



ଖବରଦାତା ସମ୍ମିଳନୀରେ ଦେବୀ ପ୍ରସନ୍ନ ଚାନ୍ଦ।

**ବାଲେଶ୍ୱର ଅଫିସ, ୯।୪:** ବାଲେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜଳେଶ୍ୱର ବିଧାନସଭା କ୍ଷେତ୍ରର ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ ଗତ ମାର୍ଚ୍ଚ ୨୩ ତାରିଖରେ କଂଗ୍ରେସ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଥିଲେ। ସେ ବସ୍ତା ନିର୍ବାଚନମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ହେବା ପାଇଁ ଭାଜପାରେ ଆବେଦନ କରିଥିଲେ। ତାଙ୍କୁ ଟିକେଟ ନ ମିଳି ଉକ୍ତ ଆସନରେ ବିଜେଡିରୁ ଇସ୍ତଫା ଦେଇ ଭାଜପାରେ ସାମିଲ ହୋଇଥିବା ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ରଘୁନାଥ ମହାନ୍ତିଙ୍କୁ ଟିକେଟ ମିଳିଥିଲା। ଏଥିରେ ସେ ନିରାଶ ହୋଇ ଦଳ ଛାଡ଼ିବାକୁ ବାଧ ହୋଇଛନ୍ତି। ମଙ୍ଗଳବାର ଅପରାହ୍ନରେ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଭାଜପା ଛାଡ଼ି ଜଳେଶ୍ୱର ବିଧାନସଭାମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ମଧୁସୂଦନ ଦାସଙ୍କୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ଲୋକ ସଭା ଆସନ ନିମନ୍ତେ ବିଜେଡି ପ୍ରାର୍ଥୀଙ୍କୁ ସହାୟତା କରିବେ ବୋଲି ପ୍ରକାଶ କରିଛନ୍ତି।

## ବିଜେଡିରେ ସାମିଲ ହେଲେ କର୍ମୀ

**ହାଟଡ଼ିହୀ, ୯।୪(ଡି.ଏନ.ଏ.):** ଭୋଟରଙ୍କୁ ନିଜ ସପକ୍ଷରେ ନେବା ପାଇଁ ନେତାମାନେ ବିଭିନ୍ନ କୌଶଳ କରୁଛନ୍ତି। ପଡ଼ିଆରୀପଲୀ ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ରାଜେନ୍ଦ୍ର ପାତ୍ରଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ବିଜେଡ଼ି ପ୍ରାର୍ଥୀ ଭାଗୀରଥି ସେଠୀ, ଜିଲା ବିଜେଡି ସଭାପତି ବିଦ୍ୟାଧର ବିଶ୍ୱାଳ, ବରିଷ୍ଠ ନେତା ଶତ୍ରୁଘ୍ନ ପାତ୍ର, ବିଶ୍ୱନାଥ ବେହେରା, ବ୍ଲକ ଉପାଧ୍ୟକ୍ଷ ନରେନ୍ଦ୍ର ନାୟକ ଉପସ୍ଥିତ ଥିଲେ। ପଞ୍ଚାୟତରେ ଥିବା ସକ୍ରିୟ ବିଜେଡି କର୍ମୀ ଆନନ୍ଦ ଚନ୍ଦ୍ର ରାଉତ ସଭା କାର୍ଯ୍ୟକ୍ରମକୁ ଆରମ୍ଭ କରି ଉପସ୍ଥିତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସମୟରେ ଅଜିତ୍ ରାଉତ, ଗୋଲଖ ପ୍ରସାଦ ରାଉତ, ଶରତ ନାୟକ, ମୁରଲୀ ସାହୁ, ନିରାକାର ପାତ୍ର, ଶିବ ବେହେରା, ରାମ ବେହେରା, ହରିହର ନାୟକ, ଭଞ୍ଜ ନାୟକ, ବଳରାମ ଗିରି, ପୂର୍ଣ୍ଣଚନ୍ଦ୍ର ବେହେରା, ଶତ୍ରୁଘ୍ନ ବେହେରା, ମହେନ୍ଦ୍ର ବେହେରା, ବିଜୟ ରାଉତ, ନୃସିଂହ ବେହେରା, ଆନନ୍ଦ ବେହେରା, ଦିଲୀପ ବେହେରା, ଅଶୋକ ପାତ୍ର, ରେବତୀ ବେହେରା, ଭାରତୀ ବେହେରା, ଉଷାମଣୀ ବେହେରା, ମଞ୍ଜୁଲତା ବେହେରା ପ୍ରମୁଖ ଶତାଧିକ କର୍ମୀଙ୍କ ଉପସ୍ଥିତରେ ଏହି ମିଶ୍ରଣ କାର୍ଯ୍ୟକ୍ରମ ହୋଇଥିଲା। ବିଧାୟକ ପ୍ରାର୍ଥୀ ସେଠୀ ରାଜେନ୍ଦ୍ର ପାତ୍ରଙ୍କୁ ବିଜେଡିର ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ଦଳକୁ ସ୍ୱାଗତ କରିଥିଲେ। ଏହି ସମୟରେ ନକୁଳ ପାତ୍ର ଓ ଅନ୍ୟ କର୍ମୀମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶକ୍ତି ପ୍ରଦର୍ଶନ କଲେ କଂଗ୍ରେସ, ଭାଜପା ପ୍ରାର୍ଥୀ

**ବାସୁଦେବପୁର, ୯।୪ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବିଧାନସଭା ଆସନର କଂଗ୍ରେସ ପ୍ରାର୍ଥୀ ଅଶୋକ କୁମାର ଦାସ ଓ ଭାଜପାର ମାଧବାନନ୍ଦ ମଲ୍ଲିକ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ ପାଇଁ ସମର୍ଥକଙ୍କ ସହିତ ଶୋଭାଯାତ୍ରାରେ ଭଦ୍ରକ ଅଭିମୁଖେ ଯାଇଥିଲେ। ବାସୁଦେବପୁରରେ ଦୁଇ ପ୍ରାର୍ଥୀ ଶକ୍ତି ପ୍ରଦର୍ଶନ କରିଥିଲେ। କଂଗ୍ରେସ ପ୍ରାର୍ଥୀ ଅଶୋକ ବାଲିନଗର ଯାଦବ ପଡ଼ିଆରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଭଦ୍ରକ ଲୋକ ସଭା ପ୍ରାର୍ଥୀ ମଧୁମିତା ସେଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ଦାସ ଓ ନିର୍ମଳ ଚନ୍ଦ୍ର ବେହେରା ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେହିପରି ଭାଜପା ପ୍ରାର୍ଥୀ ମାଧବାନନ୍ଦ ସମର୍ଥକଙ୍କ ସହ ମଣ୍ଡଳପୋଖରୀ ପଡ଼ିଆରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଦୁଇ ପ୍ରାର୍ଥୀଙ୍କ ଶୋଭାଯାତ୍ରା ବେଳେ ବାସୁଦେବପୁର ସହରରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା।

## ପ୍ରାର୍ଥୀଙ୍କ ରୋଡ୍ ଶୋ, ମନ୍ଦିରରେ ପୂଜାର୍ଚ୍ଚନା

ଚାନ୍ଦବାଲି/ଆରଡ଼ି, ୯।୪ (ଡି.ଏନ.ଏ.)

ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଭାଜପାର ମନମୋହନ ସାମଲ ଓ କଂଗ୍ରେସର ଦିଗମ୍ବର ଦାସ ମଙ୍ଗଳବାର ଭଦ୍ରକରେ ନାମାଙ୍କନପତ୍ର ଦାଖଲ ପୂର୍ବରୁ ପ୍ରଥମେ ମନ୍ଦିରରେ ପୂଜାର୍ଚ୍ଚନା କରି ରୋଡ୍ ଶୋ କରିଥିଲେ। ସକାଳୁ ଦୁଇ ଦଳର ସମର୍ଥକମାନେ ଚାନ୍ଦବାଲି ସହରରେ ବାଜା ବଜାଇ ଓ ବାଣ ଫୁଟାଇ ଶୋଭାଯାତ୍ରା କରି ପତିଆରା ପ୍ରଦର୍ଶନ କରିଥିଲେ। ଶୋଭାଯାତ୍ରା ଯୋଗୁ ଚାନ୍ଦବାଲି ସହରରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ କରାଯାଇଥିଲା। ଦୁଇ ପ୍ରାର୍ଥୀ ମନମୋହନ ଓ ଦିଗମ୍ବର ଚାନ୍ଦବାଲି କାଳୀମନ୍ଦିରରେ ପୃଥକ୍ ପୃଥକ୍ ଭାବେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଖୋଲା ଜିପ୍‌ରେ ବସି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ସେହିପରି ଭାଜପା ପ୍ରାର୍ଥୀ ମନମୋହନ ସକାଳେ ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ପରେ ଆରଡ଼ି, ନାନ୍ଦପୁର, ଓଳଗ, ସୁନ୍ଦରପୁର ଆଦି ପଞ୍ଚାୟତର ବହୁ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଭଦ୍ରକ ଯାଇଥିଲେ। ଶୋଭାଯାତ୍ରାରେ ଦଳୀୟ କର୍ମୀମାନେ ଭାଜପା ଜିନ୍ଦାବାଦ, ଓଡ଼ିଶା ସରକାର ବଦଳିବା ଦରକାର ଆଦି ନାରା ଦେଇଥିଲେ। ଭାଜପା ପ୍ରତି ଜନସମର୍ଥନ ବୃଦ୍ଧି, ମନମୋହନ ସାମଲ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ପ୍ରତି ଆକୃଷ୍ଟ ହୋଇ ବହୁ କର୍ମୀ ଭଦ୍ରକ ଯାତ୍ରା କରିଥିବା କିଶୋର ନାୟକ, ସ୍ୱଦେଶ ପଣ୍ଡା, ସୁବାସ ସାହୁ ଓ ସଦାନନ୍ଦ ମଳିକ ପ୍ରମୁଖ କହିଥିଲେ।

## ଘସିପୁରାରେ ୭, ଆନନ୍ଦପୁରରେ ୮ ପ୍ରାର୍ଥୀ

ଆନନ୍ଦପୁର, ୯।୪(ସ୍ୱ.ପ୍ର.)

ସାଧାରଣ ନିର୍ବାଚନ ଲାଗି ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଘସିପୁରା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୭ ଏବଂ ଆନନ୍ଦପୁରରୁ ୮ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ପୂର୍ବରୁ ଉଭୟ ନିର୍ବାଚନମଣ୍ଡଳୀ ପାଇଁ ୮ ଜଣ ଲେଖାଏଁ ପ୍ରାର୍ଥୀ ନିମାଙ୍କନ ପତ୍ର ଦାଖଲ କରିଥିଲେ। ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବା ବୁଦ୍ଧଦେବ ମହାନ୍ତଙ୍କର ଅସମ୍ପୂର୍ଣ୍ଣ ନାମାଙ୍କନ ପତ୍ର ପାଇଁ ପ୍ରାର୍ଥିପତ୍ର ନାକଚ ହୋଇଥିଲା। ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ୮ ତାରିଖ ସୁଧା ପ୍ରାର୍ଥିପତ୍ର ପ୍ରତ୍ୟାହାର ସମୟ ଧାର୍ଯ୍ୟ ହୋଇଥିଲା। କେହି ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରି ନ ଥିଲେ। ଘସିପୁରା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡିରୁ ବଦ୍ରିନାରାୟାଣ ପାତ୍ର, ଭାଜପାରୁ ପୃଥ୍ୱୀରାଜ କୁଅଁର, କଂଗ୍ରେସରୁ ନିରଞ୍ଜନ ପଟ୍ଟନାୟକ, ହିନ୍ଦୁସ୍ତାନ ନିର୍ମାଣରୁ କିଶୋର କୁମାର ପଲେଇ, କଳିଙ୍ଗସେନାରୁ ଜଗବନ୍ଧୁ ମହାନ୍ତ, ଅଲଇଣ୍ଡିଆ ଫରୱାର୍ଡ଼ ବ୍ଲକରୁ ରବି ନାରାୟଣ ହୋତା, ସ୍ୱାଧୀନ ପ୍ରାର୍ଥୀ ଭାବେ ସୁକୁମାର ପୁହାଣ ନିର୍ବାଚନ ମଇଦାନକୁ ଆସିଛନ୍ତି।

ସେହିପରି ଆନନ୍ଦପୁର ସଂରକ୍ଷିତ ଆସନ ପାଇଁ ଭାଜପାରୁ ଆଲୋକ ସେଠୀ, କଂଗ୍ରେସରୁ ଜୟଦେବ ଯେନା, ବିଜେଡିରୁ ଭାଗୀରଥି ସେଠୀ, ହିନ୍ଦୁସ୍ତାନ ନିର୍ମାଣରୁ ଅଖୀଳ ଚରଣ ଯେନା, କମ୍ୟୁନିଷ୍ଟରୁ ଅନାମ ମୁଖି, ଅଲଇଣ୍ଡିଆ ଫରୱାର୍ଡ଼ ବ୍ଲକରୁ ନରେନ୍ଦ୍ର କୁମାର ଯେନା, ବହୁଜନ ମୁକ୍ତି ପାର୍ଟିରୁ ଶାନ୍ତିଲତା କାରୁଆ, ସ୍ୱାଧୀନ ଭାବେ ବାସୁଦେବ ଯେନା ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ପ୍ରାର୍ଥୀମାନଙ୍କ ବୃତାନ୍ତ ତାଲିକା ପ୍ରକାଶ ପାଇବା ପରେ ନିର୍ବାଚନୀ ମାହୋଲ ସରଗରମ ହେବାରେ ଲାଗିଛି। ବିଭିନ୍ନ ଦଳ ପକ୍ଷରୁ ପ୍ରଚାର ଅଭିଯାନକୁ ଜୋର କରାଯାଇଛି।

## ମୟୂରଭଞ୍ଜ ଲୋକ ସଭା ଆସନ ଲାଗି ୭ ନାମାଙ୍କନ ପତ୍ର

ବାରିପଦା ଅଫିସ,୯।୪





ମୋରଡା ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ପ୍ରଭାସ କର ମହାପାତ୍ର ଓ ବିଏସପି ପ୍ରାର୍ଥୀ ନରେନ୍ଦ୍ର ପ୍ରଧାନ ନାମାଙ୍କନ ଦାଖଲ ପାଇଁ ଯାଉଛନ୍ତି।

■ ସରିଲା ନାମାଙ୍କନ ଦାଖଲ ପ୍ରକ୍ରିୟା

■ ୧୨ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର

ମୟୂରଭଞ୍ଜ ଲୋକସଭା ଆସନ ସମେତ ଏହି ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ୭ ବିଧାନସଭା ଆସନ ଏବଂ ବାଲେଶ୍ୱର ଲୋକସଭା କ୍ଷେତ୍ର ଅଧୀନ ବଡସାହି ବିଧାନସଭା ଆସନ ଲାଗି ମଙ୍ଗଳବାର ନାମାଙ୍କନ ପତ୍ର ଦାଖଲ ଶେଷ ହୋଇଛି। ଏଠାରେ ୪ର୍ଥ ପର୍ଯ୍ୟାୟରେ ଆସନ୍ତା ୨୯ ତାରିଖରେ ଭୋଟ ହେବ। ମୟୂରଭଞ୍ଜ ଲୋକସଭା ଆସନର ପ୍ରାର୍ଥୀମାନେ ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଠାରେ ନାମାଙ୍କନ ଦାଖଲ କରିଥିବା ବେଳେ ମୋରଡା ବିଧାନସଭା ଆସନ ପାଇଁ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଳ, ବାଙ୍ଗିରିପୋଷି ପାଇଁ ଅତିରିକ୍ତ ଜିଲାପାଳ ଆବୋଲି ନରୱାଣେ ଏବଂ ବାରିପଦା ଆସନ ପାଇଁ ବାରିପଦା ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିକଟରେ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ରାଇରଙ୍ଗପୁର ଏବଂ ସାରସକଣା ଆସନର ପ୍ରାର୍ଥୀ ରାଇରଙ୍ଗପୁର ଉପଜିଲାପାଳ ଧର୍ମାନନ୍ଦ ବେହେରାଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଜିଲାର କରଞ୍ଜିଆ ବିଧାନସଭା ଆସନ କେନ୍ଦୁଝର ଲୋକସଭା ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବାରୁ ସେଠାରେ ୩ୟ ପର୍ଯ୍ୟାୟ ୨୩ ତାରିଖରେ ନିର୍ବାଚନ ହେଉଛି।

୪ର୍ଥ ପର୍ଯ୍ୟାୟ ନିର୍ବାଚନ ଲାଗି ନାମାଙ୍କନ ଦାଖଲର ଶେଷଦିନ ସୁଦ୍ଧା ମୟୂରଭଞ୍ଜ ଲୋକସଭା ଆସନ ଲାଗି ୭ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ବାରିପଦା, ବଡସାହି , ମୋରଡା ଓ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ପାଇଁ ୩୮ , ରାଇରଙ୍ଗପୁର ପାଇଁ ୧୦ ଏବଂ ସାରସକଣା ନିର୍ବାଚନ ମଣ୍ଡଳୀ ଲାଗି ୧୪ ବିଧାୟକ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରଥିବା ଜଣାପଡିଛି। ଯଶିପୁର ଆସନରେ କେତେ ପ୍ରାର୍ଥୀ ନାମାଙ୍କନ ଦାକଲ କଲେ ତାହା ଜଣାପଡି ନାହିଁ। ନାମାଙ୍କନ ଦାଖଲର ଶେଷ ଦିନରେ ବହୁ ସମର୍ଥକଙ୍କ ସହ ପ୍ରାର୍ଥୀମାନେ ବିଶାଳ ଶୋଭାଯାତ୍ରାରେ ଆସିବା ଘଟଣା ରାଜନୈତିକ ମାହୋଲକୁ ସରଗରମ କରିଛି।

ମୟୂରଭଞ୍ଜ ଲୋକସଭା ଆସନ ସକାଶେ ବିଜେଡି ପ୍ରାର୍ଥୀ ଡା. ଦେବାଶିଷ ମାରାଣ୍ଡି, ଭାଜପା ପ୍ରାର୍ଥୀ ଇଂ ବିଶେଶ୍ୱର ଟୁଡୁ , ଜେଏମଏମ ପ୍ରାର୍ଥୀ ଅଞ୍ଜନୀ ସୋରେନ , ନ୍ୟାଶନାଲ କଂଗେସ ପାଟିରୁ ହାଡିବନ୍ଧୁ ଟୁଡୁ ଆମ୍ବେଡ଼କର, ବହୁଜନ ମୁକ୍ତି ପାର୍ଟିରୁ ଭରତ ଚନ୍ଦ୍ର ସିଂ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ନନ୍ଦକିଶୋର ବିସ୍କୁ ଓ ରବୀନ୍ଦ୍ରନାଥ ସିଂ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବାଙ୍ଗିରିପୋଷୀ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ ସୁଦାମ ମାର୍ଣ୍ଡି, ସମତାକ୍ରାନ୍ତି ଦଳରୁ ଦେବେନ୍ଦ୍ର ନାଥ ସିଂ, ଭାଜପା ପ୍ରାର୍ଥୀ ସୁଗୁଦା ମୁର୍ମୁ, ଜେଏମଏମ ପ୍ରାର୍ଥୀ ଫାଗୁ ହାସଁଦା, ବିଏମପି ପ୍ରାର୍ଥୀ ଭରତଚନ୍ଦ୍ର ସିଂ, ଜେପିପି ପ୍ରାର୍ଥୀ ସୁନ୍ଦର ମୋହନ ସିଂ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ରତ୍ନାକର ମୁର୍ମୁ, ପୁରୁଷୋତ୍ତମ ନାଏକ, ଜିତେନ୍ଦ୍ର କୁମାର ସିଂ, ଯୋଦ୍ଧା ବେସ୍ରା ଏବଂ ରବୀନ୍ଦ୍ର ନାଥ ସିଂ ପ୍ରମୁଖ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

ବାରିପଦା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ ସରୋଜିନୀ ହେମ୍ବ୍ରମ , କଂଗ୍ରେସ ପ୍ରାର୍ଥୀ ଦଶରଥ ସିଂ , ଭାଜପା ପ୍ରାର୍ଥୀ ପ୍ରକାଶ ସୋରେନ, ଝାଡ଼ଖଣ୍ଡ ପିପୁଲସ ପାର୍ଟିରୁ ଚନ୍ଦ୍ର ମୋହନ ମୁର୍ମୁ , ଆମ ଆଦ୍‌ମି ପାର୍ଟିରୁ ବିଶ୍ୱନାଥ ହେମ୍ବ୍ରମ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ସୁନୀଲ କୁମାର ହେମ୍ବ୍ରମ ଓ ଶିବପ୍ରସାଦ ସିଂ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ମୋରଡା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ ରାଜକିଶୋର ଦାସ, ଭାଜପା ପ୍ରାର୍ଥୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର, ଜେଏମଏମ ପ୍ରାର୍ଥୀ କଳିଙ୍ଗ କେଶରୀ ଜେନା, କଂଗ୍ରେସ ପ୍ରାର୍ଥୀ ପ୍ରଭାସକର ମହାପାତ୍ର , ସିପିଆଇଏମ ପ୍ରାର୍ଥୀ ରବି ଗୋସ୍ୱାମୀ, ବିଏସପି ପ୍ରାର୍ଥୀ ନରେନ୍ଦ୍ର ପ୍ରଧାନ , ଅଖିଳ ଭାରତୀୟ ହିନ୍ଦୁ ମହାସଭାରୁ ସନ୍ତୋଷ କୁମାର ସି ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଶ୍ୱମ୍ଭର ଦାସ, ସସ୍ମିତା ଧଳ, ଶ୍ରୀନାଥ ମହାନ୍ତ, ରାଧାକୃଷ୍ଣ ମହାନ୍ତ, ତରୁଣ କୁମାର ମୁଦୁଲି, ଓ ହେମସ୍ମିତା ନାଏକ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

ବଡ଼ସାହି ନିର୍ବାଚନ ମଣ୍ଡଳୀ ପାଇଁ କଂଗେସ ପ୍ରାର୍ଥୀ ଦେବଜାନୀ ବେହେରା, ଭାଜପା ପ୍ରାର୍ଥୀ ସନାତନ ବିଜୁଳି, ବିଜେଡି ପ୍ରାର୍ଥୀ ବୃନ୍ଦାବନ ଦାସ, ବହୁଜନ ମୁକ୍ତି ପାଟିରୁ ରମାକାନ୍ତ ସେଠୀ, ବିଏସପିରୁ ସଞ୍ଜୟ କୁମାର ବେହେରା ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ଜିତେନ୍ଦ୍ର ପାତ୍ର ଓ ରବୀନ୍ଦ୍ର ନାଥ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡିଛି।

## ସଂକ୍ଷେପରେ

### ଛାତ୍ରାବାସ ଖୋଲିବ, ଆନ୍ଦୋଳନ ସ୍ଥଗିତ

**କୁଆମରା, ୯।୪(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ କୁଆମରା ନୂତନ ସରକାରୀ ଉଚ୍ଚ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଓ ଛାତ୍ରାବାସ ବନ୍ଦ ହେବା ଘଟଣା ନେଇ ପୁରାତନ ଛାତ୍ର ସଂଘ ପକ୍ଷରୁ ଆନ୍ଦୋଳନ ଚେତାବନୀ ଦିଆଯାଇ ଥିଲା। ଏହି ପରିପ୍ରେକ୍ଷୀରେ ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ପୁରାତନ ଛାତ୍ର ସଂଘ, ପରିଚାଳନା କମିଟି ଓ ଅଭିଭାବକଙ୍କ ସହ ଆଲୋଚନାକରି ଛାତ୍ରାବାସ ଖୋଲିବାକୁ ଅନୁମତି ପ୍ରଦାନ କରିଥିବା ଜଣାପଡିଛି। ଏଥିଲାଗି ପୁରାତନ ଛାତ୍ର ସଂଘ ଦେଇଥିବା ଆନ୍ଦୋଳନ ଡାକରାକୁ ସ୍ଥଗିତ ରଖିଥିବାର ସଭାପତି କୁଳମଣି ବେହେରା ଜଣାଇଛନ୍ତି। ଛାତ୍ର ସଂଘ ପକ୍ଷରୁ କୁହାଯାଇଛି ଯେ, ବିଦ୍ୟାଳୟ ସମସ୍ୟାର ପ୍ରତିକାର କରି ଏହାର ପୂର୍ବ ଗୌରବ ଫେରାଇ ଆଣିବା ଲାଗି ଶିକ୍ଷା ବିଭଗ ନିକଟରେ ଦାବି କରାଯାଇଛି। ପୂର୍ବରୁ ଏଠାରେ ୩ ଶହ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପଢୁଥିବା ବେଳେ ଏବେ ଉପସ୍ଥାନ ସଂଖ୍ୟା ୧୦୦କୁ କମି ଆସଲାଣି। ଛାତ୍ରାବାସ ଖୋଲିବାକୁ ପୂର୍ବରୁ ଅନୁମତି ଦିଆଯାଇ ନ ଥିବାରୁ ଦୂରଦୂରାନ୍ତରୁ ଆସୁଥିବା ଛାତ୍ରୀଛାତ୍ର ନାମ ନ ଲେଖାଇ ଫେରି ଯାଥିଲେ ବୋଲି ଛାତ୍ର ସଂଘ ଅଭିଯୋଗ କରିଥିଲା।

### ମା’ ମଙ୍ଗଳାଙ୍କ ଶକ୍ତିପୀଠରେ ବାର୍ଷିକୋତ୍ସବ

**କୁଆମରା, ୯।୪(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ଚିଲିମା ଗାଁ ର ପ୍ରସିଦ୍ଧ ମା ମଙ୍ଗଳାଙ୍କ ଶକ୍ତି ପୀଠରେ ୩ ଦିନ ଧରି ବର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚୈତ୍ର ମାସ ଶେଷ ମଙ୍ଗଳବାରରେ ମା’କଂ ବାର୍ଷିକ ପୂଜା ଉତ୍ସବ ଅନୁଷ୍ଠିତ ହୋଇଥାଏ। ଦୀର୍ଘ ୨୮ ବର୍ଷ ଧରି ଏହି ଉତ୍ସବ ପାଳିତ ପାଳିତ ହୋଇ ଆସୁଛି। ଏଥର ବେଦ ପାଠ ସାଙ୍ଗକୁ ମନ୍ତ୍ରୋଚ୍ଚାରଣ ମନ୍ଦିର ପରିସରରେ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲା। ହଜାର ହଜାର ଉପାସକ ଓ ଶ୍ରଦ୍ଧାଳୁ ଏଥିରେ ଯୋଗ ଦେଇଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ପୂଜାପାଠ ସହ ନାମ ଯଜ୍ଞ, ଚଣ୍ଡୀପାଠ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରାନ୍ତରୁ ଆସିଥିବା ୧୨ଜଣ ପୂଜକ ଏଥିରେ ନିୟୋଜିତ ହୋଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ ପୂର୍ଣ୍ଣାହୁତ ଦିଆଯାଇଥିଲା। ଏହି ଅବସରରେ ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। କୁଆମରା, ପୁରୁଣା ବାରିପଦା, ସିକିଡିଆ, କୁସୁମିଆ, ଭୋଳପୋଖରୀ, ପାଳଶା ଗ୍ରାମରେ ମଧ ମା’ ମଙ୍ଗଳାଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଥିଲା। ଭାଜପା ଦଳରୁ ପ୍ରାର୍ଥୀ ଭାବେ ଲଢୁଥିବା ଭାସ୍କର ଚନ୍ଦ୍ର ମଢେଇ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମା’ଙ୍କ ଆଶୀର୍ବାଦ ନେଇଥିଲେ।

### ବେଆଇନ ମଦ ଭାଟିରେ ଚଢ଼ାଉ

**ବେତନଟୀ, ୯।୪ (ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବେତନଟୀ ଅବକାରୀ ବିଭାଗ ଅସ୍ତଝରଣ ଗ୍ରାମରେ ଥିବା ଏକ ବେଆଇନ ଦେଶୀ ମଦଭାଟି ଉପରେ ଚଢ଼ାଉ କରି ମଦ ରନ୍ଧା ସାମଗ୍ରୀ ଜବତ ସହ ଅଭିଯୁକ୍ତ ବାଲିଆ ମାରାଣ୍ଡି (୬୦)ଙ୍କୁ ଗିରଫ କରିଛି। ସେଠାରେ ୮୦୦ କେ.ଜି. ପୋଚ ନଷ୍ଟ କରି ଦିଆଯାଇଛି। ସେହିଭଳି ହାତୀବନ୍ଧା ଗ୍ରାମର ଦେଶୀ ମଦ ଭାଟି ଉପରେ ଚଢ଼ାଉ କରାଯାଇ ୪୦୦ କେ.ଜି. ପୋଚ ନଷ୍ଟ କରାଯିବା ସହ ୧୨ଲିଟର ଦେଶୀ ମଦ ଜବତ କରାଯାଇଛି। ଅଭିଯୁକ୍ତ ଫେରାର ରହିଛନ୍ତି।

# ଦଳବଦଳକୁ ନେଇ ସବୁଠି ଗୋଳିଆ ସ୍ଥିତି

**ମୟୂରଭଞ୍ଜ ଜିଲା**
- ପ୍ରମୁଖ ଦଳ ପକ୍ଷରୁ ଚାଲିଛି ଜୋରଦାର ପ୍ରଚାର
- ପ୍ରାର୍ଥୀଙ୍କ ରଣନୀତି ଉପରେ ସମସ୍ତଙ୍କ ନଜର

**ବାରିପଦା ଅଫିସ,୯।୪**

ମୟୂରଭଞ୍ଜ ଜିଲା ତଥା ଲୋକ ସଭା କ୍ଷେତ୍ର ଅଧୀନ ୭ ବିଧାନସଭା ନିର୍ବାଚନ ମଣ୍ଡଳୀ ଓ ବାଲେଶ୍ୱର ଲୋକ ସଭା ନିର୍ବାଚନ ଆସନ ଅଧୀନ ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ମଙ୍ଗଳବାର ନାମାଙ୍କନ ପତ୍ର ଦାଖଲ ସରିଛି। ବୁଧବାର ନାମାଙ୍କନପତ୍ର ପ୍ରତ୍ୟାହାର। ଏହା ପରେ ନିର୍ବାଚନୀ ଦୃଶ୍ୟପଟ ସ୍ୱଷ୍ଟ ହେବ। ଆସନ୍ତା ୨୯ ତାରିଖରେ ହେବାକୁଥିବା ନିର୍ବାଚନକୁ ଦୃଷ୍ଟିରେ ରଖି ଏଠାରେ ସମସ୍ତ ରାଜନୈତିକ ଦଳ ଗାଁ ଗାଁ ବୁଲି ପ୍ରଚାର ଆରମ୍ଭ କରିଦେଇଛନ୍ତି। ତେବେ ଜିଲାରେ ଜୋର ଧରିଥିବା ଦଳବଦଳ ରାଜନୀତି ନିର୍ବାଚନ ବାତାବରଣକୁ କିଛିଟା ଗୋଳିଆ କରି ଦେଇଛି। ଦଳବଦଳ ସ୍ଥିତି ନେଇ ସବୁଠି ଏବେ ଚର୍ଚ୍ଚା ଲାଗି ରହିଛି।

ମୟୂରଭଞ୍ଜ ଜିଲାରେ ୮ ବିଜେଡି ବିଧାୟକଙ୍କ ଟିକେଟ କଟିଥିବାରୁ ସେମାନଙ୍କ ସ୍ଥାନରେ ଦଳ ନୂଆ ପ୍ରାର୍ଥୀ ଦେଇଛି। ବିଜେଡି ଅପେକ୍ଷା ଭାଜପାରେ ଅଧିକ ନେତା ଦଳରେ ସାମିଲ ହୋଇଥିବା ଚର୍ଚ୍ଚା ହେଉଛି। ଭାଜପା ପକ୍ଷରୁ ମଧ ଆୟୋଜିତ ମିଶ୍ରଣ ପର୍ବରେ ଅନ୍ୟଦଳର ନେତା ଓ କର୍ମୀ ମିଶିଥିବା ଚର୍ଚ୍ଚା ହେଉଛି। କଂଗ୍ରେସ ଓ ଜେଏମଏମକୁ ଅନ୍ୟଦଳ କର୍ମୀ ଓ ନେତା ଅପେକ୍ଷାକୃତ କମ ପସନ୍ଦ କରିଛନ୍ତି।

ମୋରଡ଼ା ବିଧାୟକ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ବିଜେଡି ଟିକେଟ ନ ପାଇ ଭାଜପାରେ ସାମିଲ ହୋଇଥିବା ବେଳେ ପୂର୍ବତନ ସାଂସଦ ଲକ୍ଷ୍ମଣ ଟୁଡୁ ଜେଏମଏମ ଛାଡି ଭାଜପାରେ ଯୋଗ ଦେଇଛନ୍ତି। ପୂର୍ବତନ ବିଧାୟକ ବିରାମ ମୁର୍ମୁ ମଧ ଭାଜପାରେ ସାମିଲ ହୋଇଛନ୍ତି। ସେହିପରି ପୂର୍ବତନ ବିଧାୟକ ମନୋରଞ୍ଜନ ସେଠୀ ବିଜେଡି ଛାଡି ଭାଜପାରେ ମିଶିଛନ୍ତି। ଅନ୍ୟପକ୍ଷରେ ଭାଜପା ରାଜ୍ୟ ସଭାପତି ରାଜକିଶୋର ଦାସଙ୍କୁ ଦଳ ଟିକେଟ ନ ଦେବାରୁ ସେ ବିଜେଡିରେ ସାମିଲ ହୋଇ ମୋରଡାରୁ ବିଜେଡି ବିଧାୟକ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି। ୨୦୧୪ ନିର୍ବାଚନରେ ବଡ଼ସାହି ବିଧାନସଭା ଆସନରୁ ବିଧାୟକ ପ୍ରାର୍ଥୀ ହୋଇଥିବା ବୃନ୍ଦାବନ ଦାସଙ୍କୁ ଦଳ ଟିକେଟ ନ ଦେବାରୁ ସେ ବିଜେଡିରେ ସାମିଲ ହୋଇ ବଡ଼ସାହି ନିର୍ବାଚନ ମଣ୍ଡଳୀ ଲାଗି ଟିକେଟ ହାତେଇଛନ୍ତି। ଅନୁରୂପ ଭାବେ ପୂର୍ବତନ ବିଧାୟକ ଅଜେନ ମୁର୍ମୁଙ୍କୁ ଜେଏମଏମ ଗୁରୁତ୍ୱ ନ ଦେବାରୁ ସେ ବିଜେଡିରେ ସାମିଲ ହୋଇଥିବା ବେଳେ ବଡ଼ସାହି ନିର୍ବାଚନ ମଣ୍ଡଳୀରେ ପୂର୍ବରୁ କଂଗ୍ରେସ ବିଧାୟକ ପ୍ରାର୍ଥୀ ଥିବା ଜାମିନୀକାନ୍ତ ନାଏକ ପ୍ରଥମେ ଭାଜପା ଓ ପରେ ବିଜେଡିରେ ସାମିଲ ହୋଇଛନ୍ତି। ବର୍ତ୍ତମାନ ବାରିପଦା ବିଧାନସଭା ଆସନ ପାଇଁ କଂଗ୍ରେସର ପ୍ରାର୍ଥୀ ହୋଇଥିବା ଦଶରଥ ସିଂ ଭାଜପା ଛାଡି କଂଗ୍ରେସର ପ୍ରାର୍ଥୀ ହୋଇଥିବା ଜଣାପଡିଛି। ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ କେଉଁ ଦଳର କେଉଁ ପ୍ରାର୍ଥୀ କିଭଳି ରଣନୀତି ଆପଣାଇ ନିର୍ବାଚନ ମଇଦାନକୁ ଓହ୍ଲାଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି।



ଉଦଳାରେ ସ୍ୱାଧୀନ ପ୍ରାର୍ଥୀ ଭାବେ ମାୟା ଟୁଡୁ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।

## ଶେଷ ଦିନରେ ନାମାଙ୍କନପତ୍ର ଦାଖଲ କଲେ ୪ ସ୍ୱାଧୀନ ପ୍ରାର୍ଥୀ

**ଉଦଳା,୯।୪(ଡି.ଏନ.ଏ.)**

ଚତୁର୍ଥ ପର୍ଯ୍ୟାୟରେ ନିର୍ବାଚନ ହେଉଥିବା ଉଦଳା ନିର୍ବାଚନମଣ୍ଡଳୀରେ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ଶେଷ ଦିନରେ ୪ ଜଣ ସ୍ୱାଧୀନ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ପୂର୍ବରୁ ଗତ ୪ ତାରିଖରେ ଭାଜପାର ଭାସ୍କର ମଢ଼େଇ ପ୍ରଥମେ ନାମାଙ୍କନ ପତ୍ର ଦାଖଲ କରିଥିଲେ। କଂଗ୍ରେସ ପ୍ରାର୍ଥୀ ବେଣୁଧର ମହାପାତ୍ର ଏବଂ ବିଜେଡ ପ୍ରାର୍ଥୀ ଶ୍ରୀନାଥ ସୋରେନ୍ ୮ ତାରିଖରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ମଙ୍ଗଳବାର ୪ ଜଣ ସ୍ୱାଧୀନ ପ୍ରାର୍ଥୀ ମାୟା ଟୁଡୁ, ଶରତ ଚନ୍ଦ୍ର ସିଂହ, ତୁଳସୀ ମାରାଣ୍ଡି ଏବଂ ଅସ୍ମିତାମଣୀ ସିଂ ସମର୍ଥକମାନଙ୍କ ସହିତ ଆସି ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏମାନଙ୍କୁ ମିଶାଇ ଉଦଳା ନିର୍ବାଚନମଣ୍ଡଳୀ ନିମନ୍ତେ ମୋଟ ୭ ଜଣ ପ୍ରାର୍ଥୀ ରହିଛନ୍ତି। ସେମାନଙ୍କ ନାମାଙ୍କନ ପତ୍ର କାଏମ ରହିଲେ, ସେମାନେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ସୂଚନ ମିଳିଛି। ନାମାଙ୍କନପତ୍ର ଦାଖଲ ପରେ ସ୍ୱାଧୀନ ପ୍ରାର୍ଥୀ ମାୟା ଟୁଡୁ କହିଛନ୍ତି, ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନେକ ଯୋଜନା ଏଠି ଜନସାଧାରଣଙ୍କ ପାଇଁ ଅପହଞ୍ଚ ହୋଇରହିଛି। ନିର୍ବାଚନରେ ଜନତାଙ୍କ ମୌଳିକ ସମସ୍ୟାକୁ ପ୍ରସଙ୍ଗ କରି ସେ ଜନତାଙ୍କ ନିକଟକୁ ଯିବେ। ବିଜେଡି ଓ ଭାଜପା ଭୋଟରଙ୍କୁ ଭେଟିବା କାର୍ଯ୍ୟ ଆରମ୍ଭ କରିଥିବାବେଳେ ଅନ୍ୟ ପ୍ରାର୍ଥୀ ପ୍ରଚାର କାର୍ଯ୍ୟ ଲାଗି ସଜବାଜ ଚଳାଇଥିବା ସୂଚନା ମିଳିଛି।

# କାଳ ବୈଶାଖୀ: ୨ ପରିବାର ବାସହରା





କାଳ ବୈଶାଖୀରେ ଭୁଣ୍ଡା ଟୁଡୁ ଓ ରୁହ୍ୟା ମାରାଣ୍ଡିଙ୍କ ଘର ଭାଙ୍ଗିଯାଇଛି।

**କପ୍ତିପଦା,୯।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ଅଞ୍ଚଳରେ ସୋମବାର ସନ୍ଧ୍ୟାରେ ଝଡ଼ପବନ ହେବାରୁ ବହୁ ସ୍ଥାନରେ ଗଛ ଉପୁଡି ପଡିବା ସହ ଅନେକ ଲୋକଙ୍କ ଘର ଛପର ଉଡିଯାଇଛି । କାଳ ବୈଶାଖୀ ପ୍ରଭାବରେ ଲାବଣ୍ୟଦେଈପୁର ପଞ୍ଚାୟତ ଦୁଇଟି ପରିବାର ବାସହରା ହୋଇପଡିଥିବାବେଳେ ଅନେକଙ୍କ ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ଝଡ଼ ପରେ ଦୀର୍ଘ ସମୟ ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହିବାରୁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଥିଲା।

ସନ୍ଧ୍ୟା ସମୟରେ ଅଚାନକ ଝଡ଼ ବହିବାର ଲାବଣ୍ୟଦେଈପୁର ପଞ୍ଚାୟତ ସମେତ ଆଖପାଖରେ ବହୁ କ୍ଷୟକ୍ଷତି ଘଟିଥିବା ଜଣାପଡିଛି। ଗଣ୍ଡସାହି ଗ୍ରାମର ରୁହ୍ୟା ମାରାଣ୍ଡି କିଛିଦିନ ତଳେ ତିଆରି କରିଥିବା ଘରର ନୂଆ ଆଜବେଷ୍ଟସ ଛପର ପବନରେ ଉଡିଯାଇଛି। ଫଳରେ ଏହି ପରିବାର ବାସହରା ହୋଇ ପର ଘର ବାରଣ୍ଡାରେ ଆଶ୍ରୟ ନେଇଛନ୍ତି। ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ ମଧ ସେମାନଙ୍କୁ କୌଣସି ଆବାସ ଯୋଜନାରେ ଘର ମିଳି ନ ଥିଲା। ସେହିପରି ଲାବଣ୍ୟଦେଈପୁର ପଞ୍ଚାୟତର କାନକୁମ୍ଭୁରା ଗ୍ରାମର ଭୁଣ୍ଡା ଟୁଡୁଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିପଡିଛି। ଉକ୍ତ ଭଙ୍ଗା ଘରେ ପରିବାର ନେଇ ଚଳିବା ସମ୍ଭବ ନୁହେଁ ବୋଲି ଗ୍ରାମବାସୀ କହିଛନ୍ତି। ଉକ୍ତ ପଞ୍ଚାୟତର ଅନ୍ୟ କେତେକ ଘର ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଛି । ପ୍ରଶାସନ ଏହାର ଅନୁଧାନ କରି ବିପନ୍ନଙ୍କୁ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ନାଳିଫିତା ତଳେ ଚାପିହୋଇ ରହିଛି ବ୍ୟାରେଜ ପ୍ରକଳ୍ପ ଭାଗ୍ୟ

**କୁଆମରା,୯।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଜଇଦାଠାରେ ସୋନ ନଦୀ ଉପରେ ବ୍ୟାରେଜ ନିର୍ମାଣ ଲାଗି ଶିଳାନ୍ୟାଶ କରାଯିବାର ୫ ବର୍ଷ ପୂରିଲାଣି। ଏ ଯାଏ ପ୍ରକଳ୍ପର ନାଁ ଗନ୍ଧ ଶୁଣିବାକୁ ମିଳୁ ନାହିଁ। ପ୍ରକଳ୍ପ ହୋଇଥିଲେ ଅଣଜଳସେଚିତ ଗୋପବନ୍ଧୁ ନଗର, ବଡ଼ସାହି, ନୀଳଗିରି, ରେମୁଣା ବ୍ଲକର ପାଖାପାଖି ୩୦ଟି ପଞ୍ଚାୟତର ୯ ହଜାର ୯ଶହ ହେକ୍ଟର ପରିମିତ ଜମିକୁ ଜଳ ଯୋଗାଣ ହୋଇ ପାରିଥାନ୍ତା। ସେତେବେଳେ ବ୍ୟାରେଜ ପ୍ରକଳ୍ପର ଖର୍ଚ୍ଚ ଅଟକଳ ଥିଲା ୨୧୬ କୋଟି ୭୩ ଲକ୍ଷ ଟଙ୍କା। ପରେ ନାଲି ଫିତା ଏହି ପ୍ରକଳ୍ପର ଭବିଷ୍ୟତ ଚାପିହୋଇ ରହିଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉକ୍ତ ପ୍ରକଳ୍ପ ଶିଳାନ୍ୟାସ କରିବା ପରେ ଚାଷୀମାନେ ଜଳ ସେଚନ ସବୁଧା ପାଇ ପାରିବେ ବୋଲି ଆଶା ରଖିଥିଲେ। ତେବେ ପ୍ରକଳ୍ପ କାମ କାହିଁକି ଆଗେଇ ପାରିଲା ନାହିଁ, ଏ ସମ୍ପର୍କରେ ପ୍ରଶାସନିକ ଅଧିକାରୀଙ୍କୁ ପଚାରିଲେ କୌଣସି ସୂଚନା ମିଳୁ ନାହିଁ। ଆରପଟାଠାରେ ଶୀତଳ ଭଣ୍ଡାର ନିର୍ମାଣ ସମେତ ଡମ୍ବରୁଡିହି ଠାରେ ୩୩ କେଭି ସବ୍‌ଷ୍ଟେଶନ ଏବଂ ଭୋଳପଦାଠାରେ ପୋଲ ନିର୍ମାଣ ଲାଗି ଶୁଭ ଦିଆଯାଇ ଥିଲେ ବି ଏଯାଏ କାର୍ଯ୍ୟ ଆରମ୍ଭ ହୋଇ ନାହିଁ। ଏ ନେଇ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରତି ବ୍ଲକର ମଧ୍ୟସ୍ଥଳୀରେ ବ୍ଲକ, ତହସିଲ ଓ ଥାନା ପ୍ରତିଷ୍ଠା ହେବ ବୋଲି କୁହାଯାଇଥିଲେ ବି ଗୋପବନ୍ଧୁ ନଗର ବ୍ଲକରେ ଏହା କାର୍ଯ୍ୟକାରୀ ହୋଇ ପାରିନାହିଁ। ଏଠାରେ ଅଧାପନ୍ତରିଆ ଅବସ୍ଥାରେ ଥିବା ପ୍ରକଳ୍ପ କାର୍ଯ୍ୟକୁ ନିର୍ବାଚନ ଇସ୍ୟୁ କରି ଚଳିତ ନିର୍ବାଚନରେ ପ୍ରଚାର କରିବାକୁ ବିଭିନ୍ନ ଦଳ ମନସ୍ଥ କରିଥିବା ସୂଚନା ଦେଇଛନ୍ତି।



୨୦୧୪ରେ ସ୍ଥାପିତ ଭିତ୍ତିପ୍ରସ୍ତର।

## ଯଶିପୁର ଆସନ ପାଇଁ ପ୍ରାର୍ଥିପତ୍ର ଦାଖଲ କଲେ ଗଣେଶ

**ଭଞ୍ଜକିଆ,୯।୪(ଡି.ଏନ.ଏ.)**



ମୟୂରଭଞ୍ଜ ଜିଲା ଯଶିପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ମଙ୍ଗଳବାର ଭାଜପା ପ୍ରାର୍ଥୀ ଗଣେଶ ରାମ ସିଂ ଖୁଣ୍ଟିଆ ବହୁ ସମର୍ଥକଙ୍କ ଗହଣରେ ଆସି କରଞ୍ଜିଆ ଉପଜିଲାପାଳ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଭାଜପା ପକ୍ଷରୁ ପ୍ରାର୍ଥୀଙ୍କ ସମର୍ଥକମାନେ ବିଭିନ୍ନ ସ୍ଥାନରୁ ବାଇକ ରାଲିରେ ଆସି ପହଞ୍ଚିଥିଲେ। ନାମାଙ୍କନପତ୍ର ଦାଖଲ ଶୋଭାଯାତ୍ରା ବେଳେ ରାସ୍ତାରେ ଅସମ୍ଭବ ଭିଡ଼ ହୋଇଥିଲା।

▪ ଅନ୍ତିମ ଦିବସରେ ପ୍ରାର୍ଥିପତ୍ର ଦାଖଲ ଲାଗି ଭିଡ଼

## ସାରସକଣା ବିଧାନସଭା ଆସନ ଲାଗି ସ୍ୱାଧୀନ ଭାବେ ନାମାଙ୍କନ ପତ୍ର ଦାଖଲ କଲେ ରାମଚନ୍ଦ୍ର ହାଁସଦା

**ରାଇରଙ୍ଗପୁର,୯।୪(ଡି.ଏନ.ଏ.)**

ପ୍ରାର୍ଥିପତ୍ର ଦାଖଲରେ ଅନ୍ତିମ ଦିବସ ମଙ୍ଗଳବାର ମୟୂରଭଞ୍ଜ ଜିଲାର ରାଇରଙ୍ଗପୁର ଏବଂ ସାରସକଣା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଦଳ ସମେତ ସ୍ୱାଧୀନ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଶାସକ ବିଜେଡି, ଭାଜପା, ଜେଏମ୍ଏମ୍ , ଟିଏମ୍‌ସି ଏବଂ ବିଏସ୍‌ପି ଆଦି ରାଜନୈତିକ ଦଳ ପକ୍ଷରୁ ଏଠାରେ ପ୍ରାର୍ଥୀ ଦିଆଯାଇଛି। ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀରେ ମୋଟ ୧୦ ଏବଂ ସାରସକଣା ନିର୍ବାଚନ ମଣ୍ଡଳୀରେ ୧୪ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ଜଣାପଡିଛି। ଏଥର ବିଜେଡି ଟିକେଟ ପାଇ ନ ଥିବା ମୟୂରଭଞ୍ଜ ସାଂସଦ ଇଂ.ରାମଚନ୍ଦ୍ର ହାଁସଦା ବହୁ ସମର୍ଥକଙ୍କୁ ସହ ବିରାଟ ପଟୁଆରରେ ଆସି ଏଠାରେ ସାରସକଣା ବିଧାନ ସଭା ଆସନ ଲାଗି ସ୍ୱାଧୀନ ପ୍ରାର୍ଥୀଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ।

ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ବାସନ୍ତୀ ମାର୍ଣ୍ଡି ଶତାଧିକ କର୍ମୀ ଏବଂ ସମର୍ଥକମାନଙ୍କ ସହ ପଟୁଆରରେ ଆସି ରାଇରଙ୍ଗପୁର ଉପଜିଲାପାଳ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେ ପ୍ରାର୍ଥୀପତ୍ର ଦାଖଲ ବେଳେ ଦଳର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ। ସାରସକଣା ନିର୍ବାଚନ ମଣ୍ଡଳୀ ଭାଜପା ପ୍ରାର୍ଥୀ ଡ. ବୁଦ୍ଧାନ ମୁର୍ମୁ ଦଳୀୟ କର୍ମୀ ଏବଂ ସମର୍ଥକଙ୍କ ଗହଣରେ ବିଶାଳ ପଟୁଆରରେ ଆସି ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଜେଏମ୍ଏମ୍ ପକ୍ଷରୁ ସାରସକଣା ବିଧାନସଭା ମଣ୍ଡଳୀ ଲାଗି ଦଳର ରାଜ୍ୟ ସଭାପତି ମହେଶ ହେମ୍ବ୍ରମ ଏବଂ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ ଲାଗି ରାମଚନ୍ଦ୍ର ମୁର୍ମୁ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ହୋ’ ସମ୍ପ୍ରଦାୟର ସଂଗଠନର ମହିଳା ପ୍ରାର୍ଥୀ ମିନତୀ ବାଗେ ଅନୁରୂପ ସମର୍ଥକଙ୍କ ଗହଣରେ ଆସି ପ୍ରାର୍ଥିପତ୍ର ଦାଖଲ କରିଥିଲେ। ନାମାଙ୍କନ ଦାଖଲର ଶେଷ ଦିନରେ ପ୍ରାର୍ଥୀଙ୍କ ଶୋଭାଯାତ୍ରା ଯୋଗୁ ରାସ୍ତା ଜନାକୀର୍ଣ୍ଣ ହୋଇ ପଡିଥିଲା।

ଏମଆରଆଇ ଓ ସିଟି ସ୍କାନ ମେଶିନ କାର୍ଯ୍ୟକ୍ଷମ କରାଯିବା ନେଇ ବିବାଦୀୟ ସ୍ଥିତି

## ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ଆଣିଲା ଭାଜପା

**ବାରିପଦା ଅଫିସ,୯।୪**

ମୟୂରଭଞ୍ଜ ଜିଲା ବାରିପଦା ପିଆରଏମ ମେଡିକାଲ କଲେଜରେ ଏମଆରଆଇ ଓ ସିଟି ସ୍କାନ ମେଶିନକୁ କାର୍ଯ୍ୟକ୍ଷମ କରାଯିବା ନେଇ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଛି। ଏଭଳି କାର୍ଯ୍ୟକ୍ରମ ଆରମ୍ଭ କରି ଜିଲା ପ୍ରଶାସନ ଆଦର୍ଶ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଛି ବୋଲି ଭାଜପା ଅଭିଯୋଗ କରିଛି । ଏନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି ଜିଲା ଭାଜପା ସଭାପତି ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମଙ୍ଗଳବାର ଗଣମାଧ୍ୟମକୁ ଜଣାଇଛନ୍ତି।

ଗତ ଶୁକ୍ରବାର ମେଡିକାଲ ପରିସରରେ ଏହି ମେଶିନକୁ କାର୍ଯ୍ୟକ୍ଷମ କରାଯାଇଥିଲା। ସେଠାରେ ଜିଲାପାଳ ବିନିତ ଭରଦ୍ୱାଜ ଉପସ୍ଥିତ ଥିଲେ। ସରକାରଙ୍କ ନିଦାନ ଯୋଜନା ଅଧୀନରେ ରୋଗୀଙ୍କୁ ଏହି ଯନ୍ତ୍ରାଂଶ ଦ୍ୱାରା ପରୀକ୍ଷା ନିରୀକ୍ଷା ଭଳି ସେବା ମାଗଣାରେ ପ୍ରଦାନ କରାଯିବ। ପୂର୍ବରୁ ବାରିପଦା ମେଡିକାଲରେ ଏହି ବ୍ୟବସ୍ଥା ନ ଥିଲା। ଲୋକେ ଖର୍ଚ୍ଚାନ୍ତ ହୋଇ କଟକ କିମ୍ବା ରାଜ୍ୟ ବାହାରକୁ ଯାଇ ଏମଆରଆଇ କରୁଥିଲେ। ଜିଲା ପ୍ରଶାସନ ପୂର୍ବରୁ ଏହି ସେବା ଆରମ୍ଭ ନ କରି ନିର୍ବାଚନ ସମୟରେ କରିଥିବାରୁ ଭାଜପା ଏ ନେଇ ପ୍ରଶ୍ନ ଉଠାଇଛି। ଜିଲା ପ୍ରଶାସନ ବିଜେଡି ସରକାରଙ୍କ ପ୍ରତିନିଧି ସାଜି ଏଭଳି କାର୍ଯ୍ୟ କରିଥିବା ଜିଲା ସଭାପତି କହିଛନ୍ତି। ଏ ସମ୍ପର୍କରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ପ୍ରୋଗ୍ରାମ ମ୍ୟାନେଜର ଅନିଲ କୁମାର ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ସେବା ଉଦଘାଟନ ଲାଗି କୌଣସି କାର୍ଯ୍ୟକ୍ରମ କରାଯାଇ ନାହିଁ। ରୋଗୀଙ୍କୁ ସେବା ପ୍ରଦାନ ସକାଶେ କେବଳ ମେଶିନକୁ କାର୍ଯ୍ୟକ୍ଷମ କରାଯାଇଛି। ଏଥିଲାଗି ଲୋକେ ଆଉ ବାହାରକୁ ଯାଇ ହଇରାଣ ହରକତ ହେବେ ନାହିଁ ବୋଲି ସେ କହିଛନ୍ତି।

# ରାତ୍ରିକାଳୀନ ଭଲିବଲ ଟୁର୍ନାମେଣ୍ଟ

**ଖୁଣ୍ଟା ,୯।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଖୁଣ୍ଟା ମିନି ଷ୍ଟାଡିୟମ ପରିସରସ୍ଥିତ ଜୟ ହନୁମାନ କ୍ଲବ ପକ୍ଷରୁ ତୃତୀୟ ବାର୍ଷିକ ରାତ୍ରିକାଳୀନ ଭଲିବଲ ଟୁର୍ନାମେଣ୍ଟ ସୋମବାର ସନ୍ଧ୍ୟାରେ ଆରମ୍ଭ ହୋଇ ମଙ୍ଗଳବାର ଭୋର ସମୟରେ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ଜିଲା ତଥା ଜିଲା ବାହାରର ବିଭିନ୍ନ ଅଞ୍ଚଳରୁ ମୋଟ ୮ଟି ଭଲିବଲ ଦଳ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଉଦଳା ଓ ଔପଦା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଗୋପବନ୍ଧୁନଗର ବିଡ଼ିଓ ମନୋଜ କୁମାର ବେହେରା ସମ୍ମାନନୀୟ ଅତିଥି ଭାବେ ଖୁଣ୍ଟା ଥାନା ଆଇଆଇସି ନବକୃଷ୍ଣ ନାଏକ, ତହସିଲଦାର ସଂକଳ୍ପ ସ୍ୱସ୍ତିକ ସାହୁ ପ୍ରମୁଖ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ଟୁର୍ନାମେଣ୍ଟର ରୋମାଞ୍ଚକର ପ୍ରତିଯୋଗିତା ମଧ୍ୟରେ ବୋଇସିଙ୍ଗା ନିକଟସ୍ଥ କଦଳିଆ ଓ ବାଲେଶ୍ୱରର ବାଲିଆ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। କଦଳିଆ ଦଳ ୨-୧ ସେଟରେ ବାଲିଆ ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା । ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଅଞ୍ଚଳର ପୂର୍ବତନ କ୍ରିକେଟର ପ୍ରଦୋଷ କୁମାର ଦାଶ ଯୋଗ ଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । କ୍ଲବର ସଭାପତି ମାନସ ବେହେରା, ସମ୍ପାଦକ ସ୍ୱଦେଶ କାନୁନଗୋ ଓ ସମସ୍ତ ସଦସ୍ୟ ଉପସ୍ଥିତ ରହି ଟୁର୍ନାମେଣ୍ଟ ପରିଚାଳନା କରିଥିଲେ ।



ଅତିଥି ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

# ରାଜ୍ୟ ବାହାର ଦଲାଲଙ୍କ କବ୍‌ଜାରେ ମହୁଲ ବଜାର

**ବହଳଦା,୯।୪।(ଡି.ଏନ.ଏ.)**

ମହୁଲ ସଂଗ୍ରହ ଋତୁ ଆରମ୍ଭ ହେବା ପରଠାରୁ ବଣପାହାଡ଼ ଘେରା ମୟୂରଭଞ୍ଜ ଜିଲାରେ ରାଜ୍ୟ ବାହାରର ବେପାରୀ ଆଡ୍ଡା ଜମାଇଛନ୍ତି। ଜଙ୍ଗଲ ସମ୍ପଦ ଆଦିବାସୀଙ୍କ ଜୀବନଜୀବିକାର ଅଂଶ ହୋଇଥିବାରୁ ସେମାନେ ମହୁଲ ସଂଗ୍ରହ କରି ଏହାକୁ ଉଚିତ ମୂଲ୍ୟରେ ବିକ୍ରି କରି ନ ପାରି ବେପାରୀଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ମହୁଲ ଭଳି ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରିବା ଓ ଏହାର ମୂଲ୍ୟ ନିର୍ଦ୍ଧାରଣ କରିବା ନେଇ ସରକାରଙ୍କ ସ୍ୱଷ୍ଟ ନୀତି ନିୟମ ନ ଥିବାରୁ କୋଟି କୋଟି ଟଙ୍କାର ବନଜାତ ଦ୍ରବ୍ୟ ପଡ଼ୋଶୀ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟକୁ ଚାଲାଣ ହୋଇଯାଉଛି। ସେବୁ ଅଞ୍ଚଳରୁ ବହୁ ବ୍ୟବସାୟୀ ଆସି ଦଲାଲଙ୍କ ଜରିଆରେ ମହୁଲ ସଂଗ୍ରହ କରି ନେଉଛନ୍ତି।

ମାର୍ଚ୍ଚରୁ ମେ ମାସ ପର୍ଯ୍ୟନ୍ତ ଜଙ୍ଗଲ ଓ ଜଙ୍ଗଲ ତଳି ଇଲାକାରେ ମହୁଲ ଅମଳ ହୋଇଥାଏ । ଗୋଟିଏ ଗୋଟିଏ ମହୁଲ ଗଛରୁ ୨୦ରୁ୨୦୦କିଲୋ ପର୍ଯ୍ୟନ୍ତ ମହୁଲ ମିଳିଥାଏ । ମହୁଲ ଫୁଲ ଭୋର ସମୟ ବେଳକୁ ଗଛରୁ ଝରି ପଡିଥିବାରୁ ପେଟପାଟଣା ଲାଗି ଗରିବ ଆଦିବାସୀ ପରିବାରର ବହୁ ମହିଳା ଓ ଶିଶୁ ରାତିରୁ ଉଠି ଏହାକୁ ସଂଗ୍ରହ କରିଥାନ୍ତି। ସେମାନେ ମହୁଲକୁ ଖରାରେ ଶୁଖାଇ ବିକ୍ରି କରିବା ସହିତ ଏଥିରୁ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରି ଖାଇଥାନ୍ତି । ମହୁଲ ଫୁଲରୁ ମଦ ଓ ଆଧୁନିକ ବୈଷୟିକ ପ୍ରଣାଳୀରେ ବିଭିନ୍ନ ଓ ପ୍ରସାଧନ ସାମଗ୍ରୀ ତିଆରି ହେଉଥିବାରୁ ରାଜ୍ୟ ବାହାରର ବେପାରୀ ଏଠାକୁ ଆସି ଶାଗମାଛ ମଲୂରେ ଏହାକୁ କିଣି ନେଉଛନ୍ତି। କେତେକ ମହୁଲ ସଂଗ୍ରହକାରୀ ପରିବାର କହିଛନ୍ତି, ସେମାନେ ୪ରୁ ୫ କୁଇଣ୍ଟାଲ ପର୍ଯ୍ୟନ୍ତ ମହୁଲ ଫୁଲ ସଂଗ୍ରହ କରି ୭ରୁ ୮ ହଜାର ଟଙ୍କା ପର୍ଯ୍ୟନ୍ତ ଆୟ କରିଥାନ୍ତି। ବର୍ତ୍ତମାନ କମ୍ ଦରରେ ମହୁଲ ବିକି ସେମାନେ ଉଚିତ ପାରିଶ୍ରମିକ ମଧ ପାଇ ପାରୁ ନାହାନ୍ତି। ରାଜ୍ୟ ସରକାର ମହୁଲ ସମେତ କେତେକ ବନଜାତ ଦ୍ରବ୍ୟ ସଂଗ୍ରହ ଲାଗି ପଞ୍ଚାୟତକୁ ଦାୟିତ୍ୱ ଦେଇଥିଲେ ମଧ ଅର୍ଥ ଯୋଗାଡ଼ ନ ଥିବାରୁ ଏହା କିଣାଯାଇ ପାରୁ ନାହିଁ। ଏଭଳି ସ୍ଥିତିରେ ମହୁଲ ବଜାର ସମ୍ପୂର୍ଣ୍ଣ ଭାବେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ବେପାରୀଙ୍କ କବ୍‌ଜାରେ ରହିଛି।



ମହୁଲ ସଂଗ୍ରହ କରୁଥିବା ଜଣେ ମହିଳା।

ଏକ ସର୍ବେକ୍ଷଣ ଅନୁସାରେ ମୟୂରଭଞ୍ଜ ଜିଲାରେ ବାର୍ଷିକ ୪୦ରୁ ୫୦ହଜାର କୁଇଣ୍ଟାଲ ମହୁଲ ସଂଗ୍ରହ ହୋଇଥାଏ । ସରକାରଙ୍କ ପକ୍ଷରୁ ମହୁଲ କିଣିବା ଲାଗି କୌଣସି ବ୍ୟବସ୍ଥା ହେଉ ନ ଥିବାରୁ ଗରିବ ଆଦିବାସୀଙ୍କ ଜୀବନ ଜୀବିକା ବିପଦରେ ପଡ଼ିଛି। ଅନେକ ବର୍ଷ ତଳେ ସରକାର ମହୁଲ କିଣୁଥିବାରୁ ଗରିବ ଆଦିବାସୀ ଉପକୃତ ହେଉଥିଲେ। ଏହି ବ୍ୟବସ୍ଥା ବନ୍ଦ ହେବା ପରଠାରୁ ପୂର୍ବ ସ୍ଥିତି ବଦଳି ଯାଇଛି। ପଡ଼ୋଶୀ ରାଜ୍ୟର ବ୍ୟବସାୟୀ ଆସି ଗାଁ ଗାଁ ବୁଲି ମହୁଲ ଗଛ ମାଲିକ ଓ ସଂଗ୍ରହକାରୀଙ୍କୁ କିଛି ଅଗ୍ରିମ ଅର୍ଥଦେଇ ଏବେ କମ୍ ଦରରେ ଏହାକୁ କିଣି ନେଉଥିବା ଅଭିଯୋଗ ହେଉଛି। ଚଳିତ ବର୍ଷ ବହଳଦା ପଞ୍ଚାୟତ ସମିତି ପକ୍ଷରୁ ମହୁଲଫୁଲର ଦର କିଲୋପ୍ରତି ୨୨ଟଙ୍କା ନିର୍ଦ୍ଧାରଣ କରାଯାଇଥିଲେ ମଧ ବେପାରୀମାନେ କିଲୋ ପ୍ରତି ୧୦ରୁ ୧୨ଟଙ୍କାରେ କିଣି ନେଉଛନ୍ତି। । ବହଳଦା ବ୍ଲକ ବୁରୁପଲସା ଗାଁର କିଶୁନ ମାଝୀ, କେନ୍ଦୁଆ ଗାଁର ଈଶ୍ୱର ବାସ୍କେ ଓ ବୁରୁପଲସାର ଗୁମଦା ମୁର୍ମୁ ସରକାରଙ୍କ ଅବହେଳା ଓ ଉଦାସୀନତା ଯୋଗୁ ମହୁଲ ସଂଗ୍ରହକାରୀ ଶୋଷଣର ଶିକାର ହେଉଥିବା ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ଡିଇଓ କାର୍ଯ୍ୟାଳୟରେ ନିଆଁ

**କେନ୍ଦୁଝର, ୯।୪(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଅପରାହ୍ନରେ ହଠାତ ନିଆଁ ଲାଗି ଯାଇଥିଲା। ଏଥିରେ ବ୍ଲକ ଗ୍ରାଣ୍ଟ ଶିକ୍ଷକଙ୍କ ସର୍ଭିସ ଓ ଅନ୍ୟ କାଗଜପତ୍ର ପୋଡି ଯାଇଥିବା ଜଣାପଡିଛି। ସର୍ଟସର୍କିଟ କାରଣରୁ ନିଆଁ ଲାଗିଥିବା କୁହାଯାଉଛି। ଦମକଳବାହିନୀ ପହଞ୍ଚି ନିଆଁ ଲିଭାଇଥିଲା। ଏଭଳି ଅଫିସରେ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ବହୁ ବିଦ୍ୟୁତ୍ ତାର ଓ ସୁଇଚ ବୋର୍ଡ ଉନ୍ମୁକ୍ତ ରହିଛି। ଏ ନେଇ ପଦକ୍ଷେପ ନ ନେଲେ ପରିସ୍ଥିତି ଗୁରୁତର ହେବ ବୋଲି ମତ ପ୍ରକାଶ ପାଉଛି।

### ସାଇକେଲ ଚାଳକଙ୍କ ମୃତ୍ୟୁ

**ପାଟଣା, ୯।୪(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ଭୀମକୁଣ୍ଡ ଚିନାମାଲିପଶି ରାସ୍ତାର ଜାମୁଲେଇବେଡା ହାଟ ନିକଟରୁ ମଙ୍ଗଳବାର ସକାଳେ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣଙ୍କ ହେଲେ ଡୁମୁରିଆ ପଞ୍ଚାୟତ ବଡ଼ନୁଆଗାଁ ଗ୍ରାମର ରାଜନ ମହାକୁଡ଼ଙ୍କ ପୁଅ ଈଶ୍ୱର(୪୫)। ଈଶ୍ୱର ସୋମବାର ରାତିରେ ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ତାଙ୍କୁ ଅଜଣା ଗାଡି ଧକ୍କା ଦେଇଥିବା ଅନୁମାନ କରାଯାଉଛି। ଖବର ପାଇ ଘଟଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଏ ନେଇ ଘଟଗାଁ ଥାନାରେ ଏକ ମାମଲା (ନଂ.୧୪/୧୯) ରୁଜୁ ହୋଇଛି।

### ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**କେନ୍ଦୁଝର, ୯।୪(ସ୍ୱ.ପ୍ର.):** ଟାଉନ ଥାନା ଅନ୍ତର୍ଗତ ଜାମୁନାଳିଆ ଗ୍ରାମରେ ଥିବା ସରକାରୀ ଇଞ୍ଜିନିୟରିଂ କଲେଜ ନିକଟ ଏକ ନାଳରୁ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ଏ ନେଇ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି। ମୃତକଙ୍କ ପରିଚୟ ମିଳି ନ ଥିଲେ ହେଁ କେହି ହତ୍ୟା କରି ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି। ଖବର ପାଇ ଦମକଳ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଛନ୍ତି। ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇ ପୋଲିସ ଘଟଣାର ତଦନ୍ତ କରୁଛି। ଏ ନେଇ ଟାଉନ ଥାନା ଅଧିକାରୀ ସୋମନାଥ ଜେନା କହିଛନ୍ତି ଯେ, ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ। ଯୁବକ ଜଣଙ୍କ ସାର୍ଟ ଓ ପ୍ୟାଣ୍ଟ ପିନ୍ଧିଥିବା ଅବସ୍ଥାରେ ଉଦ୍ଧାର ହୋଇଛି। ଏହି ବ୍ୟକ୍ତି ଏଠାକୁ କିପରି ଆସିଲା। କିଏ ଆଣି ପକାଇଲା ତାହାକୁ ପୋଲିସ ତଦନ୍ତ କରୁଥିବା ଜଣାପଡିଛି।

### ଘସିପୁରା ଥାନା ପରିସରରେ ସଫେଇ



**ଆନନ୍ଦପୁର, ୯।୪(ସ୍ୱ.ପ୍ର.):** ଘସିପୁରା ଥାନା ଆଇଆଇସି ବିରଞ୍ଚି ବାଗ୍‌ଙ୍କ ନେତୃତ୍ୱରେ ଆମ ପୋଲିସ ସଦସ୍ୟ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ ହୋଇଥିଲେ। ମଙ୍ଗଳବାର ଘସିପୁରା ଥାନା ପରିସରରେ ସଫେଇ କାର୍ଯ୍ୟ କରାଯିବା ସହ ନିକଟରେ ଥିବା ମନ୍ଦିରର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଗୁଡିକ ମଧ ସଫା କରାଯାଇଥିଲା। ପୋଲିସ କର୍ମଚାରୀ କାର୍ଯ୍ୟ ବ୍ୟସ୍ତତା ସତ୍ତ୍ୱେ ସ୍ୱଳ୍ପ ଅବସର ସମୟ ବାହାର କରି ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି। ଏହି କାର୍ଯ୍ୟକ୍ରମରେ ଘସିପୁରା ଥାନା କର୍ମଚାରୀଙ୍କ ସହ ଆମ ପୋଲିସ ସଦସ୍ୟ ସାମିଲ ହୋଇଥିଲେ।

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ଯୋଡ଼ା, ୯।୪(ଡି.ଏନ.ଏ.):** ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ମୁର୍ଗା-ଦେଓଝର ରାସ୍ତାର ତାରିଣୀ ଛକଠାରେ ଟ୍ରକ୍ ଓ ବାଇକ୍ ମଧରେ ଧକ୍କା ହେବାରୁ ଜଣେ ଚାଳକ ଗୁରୁତର ହୋଇଛନ୍ତି। ବାଇକ୍ ଆରୋହୀ ହେଲେ ସ୍ଥାନୀୟ ଦଡୁଆଁ ଗ୍ରାମର ଶ୍ୟାମସୁନ୍ଦର ବାରିକ। ସୋମବାର ଅପରାହ୍ନ ସମୟରେ ଶ୍ୟାମ ସୁନ୍ଦର ତାଙ୍କର ଟିଭିଏସ୍ ବାଇକ୍ ଯୋଗେ ଉକ୍ତ ରାସ୍ତା ଦେଇ ଝାଡଖଣ୍ଡ ସ୍ଥିତ କଟଗଡ ଗ୍ରାମ ତାଙ୍କ ଶଶୁର ଘରକୁ ଯାଉଥିଲେ। ଦେଓଝର ତାରିଣୀ ଛକ ନିକଟରେ ବିଲେଇପଦା ଆଡୁ ଯାଉଥିବା ଏକ ୧୪ ଚକିଆ ଟ୍ରକ ଓଡି ୦୯ ଜି- ୪୧୯୩ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା।

# 'ଶିକ୍ଷକ ହେବାକୁ ଇଚ୍ଛା'

■ଦିବ୍ୟାଙ୍ଗ ହେଲେ ବି ସକ୍ଷମ
■ମିଳୁନି ସୁବିଧାସୁଯୋଗ

**କେନ୍ଦୁଝର, ୯।୪(ସ୍ୱ.ପ୍ର.)**

ପିଲା ଦିନରୁ ବାପାଙ୍କୁ ହରାଇ ବହୁ କଷ୍ଟରେ ପାଠ ପଢିଛି। ଦୃଷ୍ଟିହୀନ ହୋଇଥିବାରୁ ଚାକିର ଖଣ୍ଡେ ପାଇଁ ପ୍ରଶାସନର ଦ୍ୱାରସ୍ଥ ହୋଇଛି। ଚାକିରିଟିଏ କଲେ କାମଧନ୍ଦା କରି ବିଧବା ମା'ର ସେବା କରିବା ସହ ନିଜ ଗୋଡ଼ରେ ଠିଆ ହୋଇ ପାରିବି। ଶିକ୍ଷକ ଚାକିରି ପାଇଁ ସିଟି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛି ବୋଲି ଦିବ୍ୟାଙ୍ଗ ପୁରୁଷୋତ୍ତମ ନାୟକ କହିଛନ୍ତି। ବାପା ଚାଲିଯିବା ପରେ ମା' ସତ୍ୟଭାମା ପର ଘରେ ମୂଲମଜୁରି କରି ପୁଅର ଦେଖାରଖା କରିଛନ୍ତି। ପରିବାର ଚଳାଇଆସୁଛନ୍ତି। ପୁଅକୁ ଛାଡି ପାରୁ ନ ଥିବାରୁ ମା' ତାଙ୍କ ପାଖୋର ରହୁଛନ୍ତି। ଯୁକ୍ତ ୨ କଳା ବାଲେଶ୍ୱର ଫକୀରମୋହନ କଲେଜରୁ ପାସ କରି ଓଟିଇଟି ପରୀକ୍ଷା ଦେଇ ପାସ କରିଥିବା ପୁରୁଷୋତ୍ତମ ଜଣେ ଶିକ୍ଷକ ହେବାକୁ ଆଗ୍ରହ ରଖିଛନ୍ତି। ଏଥିପାଇଁ ସିଟି ତାଲିମ ନେବାକୁ ହେବ। ସିଟିରେ ନାମ ଲେଖାଇବା ପାଇଁ ପ୍ରବେଶ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛନ୍ତି। ଦୃଷ୍ଟିଶକ୍ତି ନ ଥିଲେ ହେଁ ତାଙ୍କର କଣ୍ଠ ସ୍ୱର ମଧୁର। ଭଜନ କଳାକାର ଭାବରେ ସେ ନିଜର ଦକ୍ଷତା ପ୍ରତିପାଦିତ କରିଛନ୍ତି। ତାଙ୍କ ଘର ହରିଚନ୍ଦନପୁର ବ୍ଲକ ହାତୀନୋଟା ଗ୍ରାମରେ।



ପୁରୁଷୋତ୍ତମ ନାୟକଙ୍କ ସହ ତାଙ୍କ ମା।

ଦୃଷ୍ଟିହୀନଙ୍କ ପାଇଁ ସେଭଳି ଉଚ୍ଚ ଶିକ୍ଷା ବ୍ୟବସ୍ଥା ନାହିଁ। ନିମାପଡାରେ ଏକ ମାତ୍ର କଲେଜ ଖୋଲିଛି। ଘରୋଇ ସମସ୍ୟା ପାଇଁ ଅଧିକ ପାଠ ପଢିପାରୁ ନ ଥିଲେ ହେଁ ସିଟି ପଢି ଜଣେ ଶିକ୍ଷକ ହୋଇପାରିଲେ ନିଜ ଗୋଡରେ ଛିଡା ହୋଇପାରିବେ ଏବଂ ମା'ର ଦେଖାରଖା କରିପାରିବେ ବୋଲି କହିଛନ୍ତି। ସିଟି ପଢିବା ପାଇଁ ସୁଯୋଗ ନ ମିଳିଲେ ବାଧ ହୋଇ ଗୀତ, ଭଜନ ଆଦି ଗାଇ ନିଜକୁ ପ୍ରତିଷ୍ଠିତ କରିବାକୁ ଚେଷ୍ଟା କରିବି ବୋଲି ସେ କହିଛନ୍ତି। ବିଭିନ୍ନ ସ୍ଥାନ ବୁଲି ତାଙ୍କର ଗ୍ରୁପରେ ଯାଇ ଗୀତ ଗାଇବାର ସୁଯୋଗ ପାଇଛନ୍ତି। ସେଥିରୁ ଯାହା ମିଳେ ସେଥିରେ ପାଠ ପଢିବାରେ ଖର୍ଚ୍ଚ ହେଉଛି। ମାଟ୍ରିକରେ ୬୫ ପ୍ରତିଶତ ରଖି ପାସ କରିଛନ୍ତି। ଯୁକ୍ତ ୨ କଳା ପଢିଲେ। ସହାୟତା ପାଇଁ ଦିଆଯାଇଥିବା ଲେଖକଙ୍କ ପାଇଁ ଭଲ ମାର୍କ ରଖିପାରି ନ ଥିବା ସେ କହିଛନ୍ତି। ଆଉ ଜଣେ ଭାଇ ଅଛନ୍ତି। ସେ ବାହାରେ ରହୁଛନ୍ତି। ପୁଅ କିପରି ନିଜ ଗୋଡରେ ଛିଡା ହେବ ସେ ନେଇ ଚିନ୍ତିତ ଅଛନ୍ତି ବୋଲି ସତ୍ୟଭାମା କହିଛନ୍ତି। ଜିଲାପାଳଙ୍କ ପାଖକୁ ଯାଇଥିଲେ। ସିଟିରେ ନାମ ଲେଖା କରିବା ସହାୟତା କରିବେ ବୋଲି ନିବେଦନ କରିଛନ୍ତି। ସହାୟତା ମିଳିଲା ନାହିଁ।

# ୨ ପରିବାର ମଧରେ ସଂଘର୍ଷ, ୮ ଆହତ

**ଆନନ୍ଦପୁର, ୯।୪(ସ୍ୱ.ପ୍ର.)**

ଆନନ୍ଦପୁର ଥାନା ଶାଳବଣି ଗ୍ରାମରେ ମଙ୍ଗଳବାର ଜମିବାଡି ବିବାଦକୁ କେନ୍ଦ୍ରକରି ୨ ପରିବାର ମଧରେ ସଂଘର୍ଷ ଘଟି ୮ ଜଣ ଆହତ ହୋଇଛନ୍ତି। ସମସ୍ତ ଆହତ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ ମହିଳା ଓ ୨ ଜଣ ପୁରୁଷ ରହିଛନ୍ତି। ଶାଳବଣି ଗ୍ରାମର ୨ ପଡୋଶୀ ସରେନ୍ଦ୍ର ରାହୁଲ ଓ କିଶୋର ରାହୁଲଙ୍କ ପରିବାର ମଧରେ ଜମିବାଡିକୁ ନ୍ରେକରି ପୂର୍ବରୁ ବିବାଦ ଲାଗି ରହିଥିଲା। ଏପରିକି ମାମଲା କୋର୍ଟରେ ବିଚାରାଧୀନ ରହିଛି। ଉଭୟ ପରିବାରଙ୍କ ମଧରେ କଥା କଟାକଟିରୁ ଗଣ୍ଡୋଗଳର ସୂତ୍ରପାତ ହୋଇଛି। ଉଭୟ ପକ୍ଷରୁ ପ୍ରଥମେ ଢେଲା ମାଡ ପରେ ଠେଙ୍ଗା ବାଡି, ମାରଣାସ୍ତ୍ରରେ ଆକ୍ରମଣ ହୋଇଥିଲା। ସୁରେନ୍ଦ୍ର ରାହୁଲଙ୍କ ପରିବାରର ସୁକୁରୀ ରାହୁଲ, ରୁକ୍ମଣୀ ରାହୁଲ, କାହ୍ନା ରାହୁଲ ଓ ରତ୍ନାକର ରହୁଲ ଆହତ ହୋଇଛନ୍ତି। ସେହିପରି କିଶୋର ରାହୁଲଙ୍କ ପରିବାରରୁ ୪ ଆହତ ହୋଇନ୍ତି। ଏ ନେଇ ଉଭୟ ପକ୍ଷରୁ ଥାନାରେ ମାମଲା ରୁଜୁ ହୋଇଛି।

# ଚମ୍ପୁଆରେ ଚଇତି ମଙ୍ଗଳା ପୂଜା



ରାସ୍ତାରେ ଭକ୍ତ ଅଧିଆ ପଡିଛନ୍ତି।

**ଚମ୍ପୁଆ, ୯।୪(ଡି.ଏନ.ଏ.)**

ଚମ୍ପୁଆ ଜାଗର ପଡ଼ିଆ ନିକଟରେ ଚଇତି ମା' ମଙ୍ଗଳାଙ୍କ ପୂଜା ପାଳିତ ହୋଇଯାଇଛି। ବୈତରଣୀ ନଦୀରେ ଜଳା ଉଠାଇ ମା' ମଙ୍ଗଳାଙ୍କୁ ପାଛୋଟି ଆଣିଥିଲେ। ପୂଜାବିଧି ଆରମ୍ଭ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ବହୁ ବ୍ରତଧାରୀ ମହିଳା ମାନସିକ ପୂରଣ ପାଇଁ ମା' ମଙ୍ଗଳାଙ୍କଠାରେ ଧୂପଦୀପ ନୈବେଦ୍ୟ ଦେଇ ପୂଜାକାର୍ଯ୍ୟ ସମାପନ କରିଥିଲେ। ମା' ମଙ୍ଗଳାଙ୍କ ଆଶୀର୍ବାଦ ପାଇଁ ରାସ୍ତାସାରା ଭକ୍ତ ଅଧିଆ ପଡି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏଥିରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଚୈତ୍ର ମାସର ମଙ୍ଗଳବାରରେ ଏହି ପୂଜାର୍ଚ୍ଚନା ବହୁ ସ୍ଥାନରେ ଅନୁଷ୍ଠିତ ହେଉଛି।

# ମା' ତାରିଣୀଙ୍କ ଚଇତିପର୍ବ ଆରମ୍ଭ

**ଘଟଗାଁ, ୯।୪(ଡି.ଏନ.ଏ.)**

କେନ୍ଦୁଝର ଜିଲା ଘଟଗାଁ ମା' ତାରିଣୀ ଠାକୁରାଣୀଙ୍କ ପ୍ରସିଦ୍ଧ ଚଇତି ପର୍ବ ତଥା ୮୩ତମ ବାର୍ଷିକୋତ୍ସବ ମଙ୍ଗଳବାର ଆରମ୍ଭ ହୋଇଛି। ଏଥିରେ ୩୦ ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ପ୍ରତ୍ୟେକ ବର୍ଷ ଏପ୍ରିଲ୍ ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ୭ଦିନ ବ୍ୟାପୀ ଏହି ଚଇତି ପର୍ବ ତଥା ପଣା ସଂକ୍ରାନ୍ତି ପର୍ବ ଟ୍ରଷ୍ଟବୋର୍ଡ଼ ପକ୍ଷରୁ ଅନୁଷ୍ଠିତ ହେଉଛି। ଚଳିତ ବର୍ଷ ପଣା ସଂକ୍ରାନ୍ତିରେ ୩ ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମକୁ ଲକ୍ଷ୍ୟ କରି ମନ୍ଦିର ପରିଚାଳନା ବୋର୍ଡ଼ ପକ୍ଷରୁ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଛି। ପ୍ରତ୍ୟୁଷରୁ ମା'ଙ୍କର ମଙ୍ଗଳ ଆରତି, ମାର୍ଜଣା ବଡ଼ ସିଂହାରବେଶ ସହିତ ମା'ଙ୍କୁ ସୁନାବେଶ କରାଯାଇଥିଲା। ସକଳ ୬ଟାରେ ମା'ଙ୍କ ଦର୍ଶନ ପାଇଁ ପହଡ଼ ଖୋଲାଯାଇଥିଲା। ମନ୍ଦିର ବରିଷ୍ଠ ପୂଜକ ନଟବର ଦେହୁରି, ରବୀନ୍ଦ୍ର ଦେହୁରି ମା'ଙ୍କ ସ୍ୱତନ୍ତ୍ର ପୂଜା କରିଥିଲେ। ମା'ଙ୍କ ଅନ୍ନପ୍ରସାଦ ସମସ୍ତ ଭକ୍ତଙ୍କୁ ବଣ୍ଟନ କରାଯାଇଥିଲା। ଏହି ଅବସରରେ ମା'ଙ୍କ ଚଇତି ପର୍ବର ଶୁଭାରମ୍ଭ ପାଇଁ ସାଂସ୍କୃତିକ ମଣ୍ଡପରେ ଦୀପ ପ୍ରଜ୍ୱଳନ କରାଯାଇଥିଲା।



ଘଟଗାଁ ମା' ତାରିଣୀ ଠାକୁରାଣୀ।

ଏହି କାର୍ଯ୍ୟକ୍ରମର ମନ୍ଦିର ପରିଚାଳନା ବୋର୍ଡ଼ ସଭାପତି ରାଜେନ୍ଦ୍ର ପଟ୍ଟନାୟକ, ସଦସ୍ୟ ରୁଦ୍ର ନାରାୟଣ ମହାନ୍ତ, ବଳଭଦ୍ର ନନ୍ଦ, ଆନନ୍ଦଚନ୍ଦ୍ର ସିଂହ, ନିର୍ମଳ ମହାନ୍ତି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାୟକ, ଘଟଗାଁ ଏସ୍‌ଡିଓ ରବୀନ୍ଦ୍ର ମଲ୍ଲିକ, ତହସିଲଦାର ବିଭୁପ୍ରସାଦ କର, ବିଡ଼ିଓ ତ୍ରିଲୋଚନ ମହାନ୍ତି, ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡାକ୍ତର ମୁକ୍ତିକାନ୍ତ ନାୟକ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ଦିନ ମା'ଙ୍କ ନିକଟରେ ଭାଗବତ ପଠନ, ଗୀତା ପଠନ, ଚଣ୍ଡିପାଠ, ସତ୍ୟନାରାୟଣ ପୂଜା ସହିତ ସନ୍ଧ୍ୟାରେ ଧର୍ମ ପ୍ରବଚନ ଓ ବାଦୀ ପାଲା ଅନୁଷ୍ଠିତ ହେବ। ଦିନବେଳା ସାଂସ୍କୃତିକ ମଣ୍ଡପଠାରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଭକ୍ତ ରସ ଭଜନ ସହିତ ଆଧ୍ୟାତ୍ମିକ ନୃତ୍ୟ, ଘୋଡ଼ା ନାଚ, ସମ୍ବଲପୁରୀ ନୃତ୍ୟ ସହିତ ଝୁମର, ଗୋଟିପୁଅ ନୃତ୍ୟ, ଅନୁଷ୍ଠିତ ହେଉଥିବା ଟ୍ରଷ୍ଟବୋର୍ଡ଼ ପକ୍ଷରୁ ଜଣାଯାଇଛି। ମନ୍ଦିର ପ୍ରଶାସନ ପକ୍ଷରୁ ବାରିକେଡ ବ୍ୟବସ୍ଥା, ଅଧିକ ପୋଲିସ, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ମନ୍ଦିର କର୍ମଚାରୀ ଉପସ୍ଥିତ ରହି ଭକ୍ତମାନଙ୍କୁ ଶୃଙ୍ଖଳା ଦର୍ଶନ କରିବାରେ ସହଯୋଗ କରିଥିବା ଜଣାଯାଇଛି।

# ବିଦ୍ୟୁତ୍ ସଂଯୋଗ ହୋଇପାରୁନି

**କେନ୍ଦୁଝର, ୯।୪(ସ୍ୱ.ପ୍ର.)**

୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ତାର, ସୁଇଚ ବୋର୍ଡ ଆଦି ଲାଗିଥିଲେ ହେଁ ବିଦ୍ୟୁତ୍ ସଂଯୋଗ ହୋଇ ପାରୁନି। ୧୮ ମୁଣ୍ଡା ଆଦିବାସୀ ପରିବାର ଅନ୍ଧାରରେ ରାତି କାଟୁଛନ୍ତି। ଏଭଳି ଅଭିଯୋଗ ସଦର ବ୍ଲକ କାଠବାରୀ ପଞ୍ଚାୟତର ଜଗନ୍ନାଥପୁର ଗ୍ରାମର ଲୋକ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଉକ୍ତ ଗ୍ରାମର ଅନ୍ୟ ସାହିରେ ବିଦ୍ୟୁତ୍ ସଂଯୋଗ ହୋଇଥିବା ବେଳେ ଏହି ଆଦିବାସୀ ସାହିକୁ ଜାଣିଶୁଣି ଅବହେଳା କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

୨୦୧୮ ଫେବୃୟାରୀରେ ବିଦ୍ୟୁତ୍ ତାର ଓ ସୁଇଚ ବୋର୍ଡ ଆଦି ଲାଗିଥିଲା। ଏ ନେଇ ଢେଙ୍କିକୋଟ, ଘଟଗାଁ ନେସ୍କୋ ବିଭାଗ ଅଧିକାରୀଙ୍କୁ ଜଣାଇବା ପରେ ବି ସୁଫଳ ମିଳିଲାନାହିଁ। ବାଧ ହୋଇ ଜିଲାପାଳଙ୍କ ପାଖକୁ ଆସିଛୁ ବୋଲି ଗ୍ରାମର ମୋରା ମୁଣ୍ଡା କହିଛନ୍ତି। ସେମାନେ ଗରିବ ବିପିଏଲ ପରିବାରର ହୋଇଥିଲା ବେଳେ ବିଦ୍ୟୁତ୍ ଯୋଗାଇ ଦିଆଯାଉନି। ଅନ୍ଧାରରେ ବହୁ ଅସୁବିଧାରେ ରହୁଛନ୍ତି। ହାତୀ ଓ ସାପ ଆଦି ଭୟ ଦେଖାଦେଉଛି। ପିଲାମାନେ ପାଠ ପଢିପାରୁନାହାନ୍ତି ବୋଲି ବିଦେଶୀ ମୁଣ୍ଡା କହିଛନ୍ତି। କେବଳ ତାର ସଂଯୋଗ ହେଲେ ବିଦ୍ୟୁତ୍ ଆସିବ। ବିଦ୍ୟୁତ୍ ସଂଯୋଗ କରିବା ସହ ଲଗାଯାଇଥିବା ତାର ଓ ସୁଇଚ ମରାମତି କରାଯାଉ ବୋଲି ଗିରିଧାରୀ ଲୋହାର କହିଛନ୍ତି।

# ରାମଚରିତ ମାନସ କଥାମୃତ, ନବାହ୍ନ ପାରାୟଣ



ପ୍ରବଚନ କାର୍ଯ୍ୟକ୍ରମରେ ପ୍ରବଚକମାନେ।

**ଆନନ୍ଦପୁର, ୯।୪(ସ୍ୱ.ପ୍ର.)**

ଆନନ୍ଦପୁର ପୌରପରିଷଦ ଜଅଁରାଠାରେ ଜଳେଶ୍ୱର ମହାଦେବ ମନ୍ଦିର କମିଟି ପକ୍ଷରୁ ସପ୍ତଦଶତମ ଶ୍ରୀରାମଚରିତ ମାନସ ପାରାୟଣ ପାଳିତ ହେଉଅଛି। ୫ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୧୩ ତାରିଖ ପର୍ଯ୍ୟନ୍ତ ଚଲିବ। ପ୍ରତ୍ୟେହ ପ୍ରତ୍ୟୁଷରୁ ପ୍ରଭୁ ଜଳେଶ୍ୱର ମହାଦେବଙ୍କର ଯାଥାରୀତି ପୂଜାର୍ଚ୍ଚନା ପରେ ସକାଳ ୭ଟାଠାରୁ ୧ଟା ୩୦ ପର୍ଯ୍ୟନ୍ତ ହନୁମାନ ଚାଳିଶା ପାଠ ସହିତ ରାମଚରିତ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସନ୍ଧ୍ୟା ସମୟରେ ଆରତୀ, ହନୁମାନ ଚାଳିଶା ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ୫ ତାରିଖରେ ପ୍ରବଚକ ଭାବେ ରାମାୟଣୀ ପଣ୍ଡିତ ଅଭୟ କୁମାର ଦାସ, ୭ରେ ଭୁବନେଶ୍ୱରର ବ୍ରଜ କିଶୋର ମହାନ୍ତି, ୯ରେ କଟକର ଅଧ୍ୟାପକ ଶାରଦା ପ୍ରସନ୍ନ କର ପ୍ରବଚନ କାର୍ଯ୍ୟକ୍ରମରେ ସାମିଲ ହୋଇ ରାମଚରିତମାନସ କଥାମୃତ ସମ୍ପର୍କରେ ଲୋକଙ୍କୁ ବାଣି ପ୍ରଦାନ କରିଥିଲେ। ୧୦ରେ ଜଗତସିଂହପୁରର ଶ୍ରୀବତ୍ସଲାଞ୍ଛନ ଦାସ ମହାପାତ୍ର ଓ ୧୨ରେ କଟକର ଶାରଦା ପ୍ରସନ୍ନ କରଙ୍କ ଦ୍ୱାରା ପ୍ରବଚନ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ୧୩ରେ ପୂର୍ଣ୍ଣାହୁତୀ କାର୍ଯ୍ୟକ୍ରମ ରହିଥିବା କମିଟି ସଦସ୍ୟ ସୂଚନା ଦେଇଛନ୍ତି। ଏହି ଅବସରରେ କମିଟି କର୍ମକର୍ତ୍ତାଙ୍କ ଦ୍ୱାରା ଉପସ୍ଥିତ ଭକ୍ତଙ୍କ ପାଇଁ ପ୍ରତ୍ୟେହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।

# ପୋଲ ମରାମତି କାର୍ଯ୍ୟ ନିମ୍ନମାନର

**ଆନନ୍ଦପୁର, ୯।୪(ସ୍ୱ.ପ୍ର.)**

ଆନନ୍ଦପୁର ବ୍ଲକ ବାଇଲୋ ପଞ୍ଚାୟତର ବାରିଗାଁ ଚମୁଇଁ ଆରଡି ରାସ୍ତା ଭାଟସିରା ଗାଁ ମୁଣ୍ଡ ନାଳରେ ଥିବା ଗୋଟିଏ ପୋଲର ମରାମତି କାର୍ଯ୍ୟ ନିମ୍ନମାନର ହୋଇଛି। ନିକଟରେ ଉକ୍ତ ପୋଲର କାମ ଶେଷ ହୋଇଛି। ଏହି ମରାମତି କାର୍ଯ୍ୟ କରିଥିବା ଠିକାଦାର ଉପର ଠାଉରୁଆ ଭାବେ କାର୍ଯ୍ୟ କରିଛନ୍ତି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଠିକାଦାର କେବଳ ପୋଲର ଉପରି ଭାଗ ମରାମତି କରିଛନ୍ତି। ପୋଲର ପିଲାର ଗୁଡିକ ଉପରେ ଆଦୌ ଧ୍ୟାନ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ପିଲାର ଗୁଡିକ ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ରହିଥିବା କୌଣସି ବି ମୁହୂର୍ତ୍ତରେ ଏହା ଭୁଷୁଡିପଡିବାର ଆଶଙ୍କା ସୃଷ୍ଟି ହୋଇଛି। ଏ ନେଇ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିବା ସହିତ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେବାକୁ ଦାବି କରିଛନ୍ତି।

# ପୃଥକ୍ ସ୍ଥାନରେ ପୋଲିସର ଫ୍ଲାଗ ମାର୍ଚ୍ଚ

**ପାଟଣା/ଚମ୍ପୁଆ/ରାଇସୁଆଁ, ୯।୪(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀରେ ଶାନ୍ତି ଶୃଙ୍ଖଳା ସହ ନିର୍ବାଚନ ସମ୍ପନ୍ନ ପାଇଁ ରବିବାର ଅପରାହ୍ନରେ ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଇଛି। ପାଟଣା ଥାନା ଅଧିକାରୀ ପୁଷ୍ପାଞ୍ଜଳି ସାମନ୍ତରାୟଙ୍କ ନେତୃତ୍ୱରେ ଏଏସ୍ଆଇ ସୁଧାଂଶୁଶେଖର ଜେନାଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ। ଏହି ଫ୍ଲାଗ ମାର୍ଚ୍ଚ ପାଟଣା ଥାନାରୁ ବାହାରି ବଜାର ପରିକ୍ରମା କରିବା ସହ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଆଗାମୀ ସାଧାରଣ ନିର୍ବାଚନରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଏହି ଫ୍ଲାଗ ମାର୍ଚ୍ଚ ହୋଇଛି ବୋଲି ପାଟଣା ଥାନା ଅଧିକାରୀ ପୁଷ୍ପାଞ୍ଜଳି କହିଛନ୍ତି।

ସେହିପରି ଚମ୍ପୁଆ ଥାନା ଆଇଆଇସି ମନୋରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଚମ୍ପୁଆ ପୋଲିସ ଦ୍ୱାରା ଟାଉନ ମଧ୍ୟରେ ଫ୍ଲାଗମାର୍ଚ୍ଚ କରାଯାଇଛି। ନିର୍ବାଚନରେ ଯେପରି ବିଶୃଙ୍ଖଳା ସୃଷ୍ଟି ନ ହୁଏ ସେଥିପ୍ରତି ଧ୍ୟାନ ଦେବା ସହିତ ଚମ୍ପୁଆ ଥାନା ଅଧୀନରେ ଥିବା ସମ୍ବେଦନ ଓ ଅତିସମ୍ବେଦନଶୀଳ ବୁଥ୍ ଆଦିରେ ଏହି ଫ୍ଲାଗମାର୍ଚ୍ଚ କରାଯିବ ବୋଲି ପ୍ରଧାନ ସୂଚନା ଦେଇଛନ୍ତି। ସଦର ଥାନା ପକ୍ଷରୁ ସଦର ଅଞ୍ଚଳର ବହୁ ସ୍ଥାନରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଏହି ଫ୍ଲାଗ ମାର୍ଚ୍ଚରେ ସଦର ଥାନାର ବହୁ ପୋଲିସ ଯୋଗ ଦେଇଥିଲେ।



ପାଟଣା ପୋଲିସ ଫ୍ଲାଗ ମାର୍ଚ୍ଚ କରୁଛି।

# ଆଜି ବି ଝରଣା ପାଣି ଭରସା

**ତେଲକୋଇ/ ରାଇସୁଆଁ, ୯।୪ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଏକ ବଣ, ପାହାଡ଼ ଜଙ୍ଗଲ ଘେରା ସବୁଜ ବନାନୀ ପରିବେଶରେ ରହିଛି। ଏହାସତ୍ତ୍ୱେ ଜିଲାର ଅନେକ ଅଞ୍ଚଳରେ ପରିବେଶ ପ୍ରଦୂଷଣ ହେଉଛି। ରାସ୍ତା ନିର୍ମାଣ ନାମରେ ବହୁ ପୁରାତନ ବିଶାଳକାୟ ବୃକ୍ଷ ଗୁଡ଼ିକୁ କାଟି ଦିଆଯାଉଛି। ତାପମାତ୍ରା ବୃଦ୍ଧି ପାଇବା ସାଙ୍ଗକୁ ପାନୀୟଜଳ ସମସ୍ୟା ଗୁରୁତର ହୋଇପଡ଼ିଛି। ତେଲକୋଇ ଅଞ୍ଚଳରେ ଆଜି ବି ଲୋକେ ପାନୀୟଜଳ ପାଇଁ ପୋଖରୀ ଓ ନଦୀ ଝରଣା ଉପରେ ଲୋକେ ଭରସା କରୁଛନ୍ତି। ଏପରି ଉଦାହରଣ ଶିବନାରାୟଣପୁର ଗୋଡ଼ା ପଞ୍ଚାୟତ ବେହେରା ସାହି, ରୁଗୁଡ଼ି ସାହି, ବିରିଗୋଡ଼ା ସାହି, କାଦଡ଼ିଆ ଯୁଆଙ୍ଗ ସାହିର ବସ୍ତି ବାସିନ୍ଦାଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଲୋକେ କେବଳ ପୋଖରୀ ଓ ଝରଣା ପାଣିକୁ ବର୍ଷ ତମାମ ବ୍ୟବହାର କରୁଛନ୍ତି। ଏ ନେଇ ଚଳିତ ନିର୍ବାଚନରେ ଭୋଟ ବର୍ଜନ ପାଇଁ ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ଗ୍ରାମବାସୀ ସ୍ଥାନୀୟ ବିଡିଓଙ୍କ ଜରିଆରେ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ପାନୀୟ ଜଳ ସମସ୍ୟା ଦୂର ନ ହେଲେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ୫ ଗ୍ରାମରେ ୬ ଶହରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ସେଠାରେ ନଳକୂପ ନ ଥିବା ବେଳେ ଝରଣା ପାଣି ବ୍ୟବହାର କରୁଛନ୍ତି। ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଥିବା ବେଳେ ପୋଖରୀ ଶୁଖିଲା ପଡ଼ିଛି। ଝରଣା ମଧ୍ୟରୁ ଚୁଆ କରି ପାଣି ଆଣି ପାନୀୟଜଳ ସମସ୍ୟାକୁ ଉପଯୋଗ କରିବାକୁ ଲୋକେ ବାଧ ହୋଇଛନ୍ତି। ସ୍ୱଜଳ ଧାରା ଯୋଜନାରେ ପଞ୍ଚାୟତ ଅଧୀନର ସବୁ ବସ୍ତିକୁ ଜଳ ଯୋଗାଣ ପାଇଁ ଓଭରହେଡ ଟାଙ୍କି ଗତ ୫ ବର୍ଷ ପୂର୍ବରୁ ନିର୍ମାଣ ହୋଇଥିଲା ତାହା ଅଚଳ ହୋଇପଡିଛି। ଏ ନେଇ ଉକ୍ତ ବସ୍ତିର ରାଜୁ ବେହେରା, ରବି ମହାନ୍ତ, ଖଇରୁ ନାଏକ, ମାଧବ ବେହେରା, ଭ୍ରମର ଜୁଆଙ୍ଗ, ବିଦ ଯୁଆଙ୍ଗ, ନବାତୀ ଯୁଆଙ୍ଗ ଅଭିଯୋଗ କରିଛନ୍ତି। ସ୍ଥାନୀୟ ସରପଞ୍ଚ ଶିରପାଣି ପ୍ରଧାନଙ୍କୁ ପଚାରିବାରୁ ଓଭରହେଡ ଟାଙ୍କି କାର୍ଯ୍ୟକ୍ଷମ ନ ହେବା ଯୋଗୁ ଗ୍ରାମବାସୀ ଝରଣା ପାଣି ବ୍ୟବହାର କରୁଥିବା ସେ କହିଛନ୍ତି। ସ୍ଥାନୀୟ ବିଡିଓ ଦିଲୀପ କୁମାର ବାରାଙ୍କୁ ପଚାରିବାରୁ ପାନୀୟଜଳ ସମସ୍ୟା ରହିଲେ ଉକ୍ତ ବସ୍ତି ଗୁଡ଼ିକୁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ କରାଯିବାର ଯୋଜନା କରାଯାଇଛି ବୋଲି ସେ କହିଛନ୍ତି।



ସଦର ଅଞ୍ଚଳରେ ଚୁଆରୁ ପାନୀୟ ଜଳ ସଂଗ୍ରହ କରାଯାଉଛି।



ତେଲକୋଇରେ ଗ୍ରାମବାସୀ ଝରଣା ପାଣି ଉପରେ ନିର୍ଭର କରୁଛନ୍ତି।

**ଜିଲାପାଳଙ୍କୁ ଗୁହାରି**

■ଶିବନାରାୟଣପୁର ଗୋଡ଼ା ପଞ୍ଚାୟତବାସୀ ହଇରାଣ
■୫ ବସ୍ତିବାସୀଙ୍କ ଭୋଟ ବର୍ଜନ ନିଷ୍ପତ୍ତି
■ବଢୁଛି ତାତି, ସଦର ଅଞ୍ଚଳରେ ଜଳକଷ୍ଟ

କେନ୍ଦୁଝର ଜିଲା ସଦର ଅଞ୍ଚଳରେ ପ୍ରଦୂଷଣ ବୃଦ୍ଧି ହେବାରେ ଲାଗିଛି। କଳକାରଖାନା କର୍ତ୍ତୃପକ୍ଷ ବ୍ୟବହାର କରୁଥିବା ରାସ୍ତାଗୁଡ଼ିକରେ ପାଣି ସିଞ୍ଚନ ମଧ କରୁ ନାହାନ୍ତି। ଧୂଳିଧୂଆଁରେ ଲୋକେ ସନ୍ତୁଳି ହେଉଛନ୍ତି। ତାତି ବୃଦ୍ଧି ସାଙ୍ଗକୁ ସବୁଜ ଜଙ୍ଗଲ ନଷ୍ଟ ହୋଇଛି। ବର୍ଷାର ମାତ୍ରା କମିଛି। ଭୂତଳ ଜଳସ୍ତର କମିଛି। ମଣିଷ ବିକାଶ କରିବା ନାଁରେ ଜଙ୍ଗଲ ନଷ୍ଟ କରିବା ନିଜ ଉତ୍ତର ପିଢିକୁ ଧ୍ୱଂସାଭିମୁଖୀ ଆଡ଼କୁ ଟାଣି ନେଉଛନ୍ତି ବୋଲି ଉକ୍ତ ଅଞ୍ଚଳର କେଶବ ଚନ୍ଦ୍ର ସେଠୀ କହିଛନ୍ତି। ସ୍ଥାନୀୟ ସଚେତନ ନାଗରିକ ରାଜେଶ ସାହୁ କୁହିଛନ୍ତି ଯେ, ଜଙ୍ଗଲ ନଷ୍ଟ ହେଉଛି। ଜୀବଜଗତ ଏହି ଧରାପୃଷ୍ଠରେ ତିଷ୍ଠି ରହିବା ଅସମ୍ଭବ ହୋଇପଡ଼ିବ। ସାମାଜିକ କର୍ମୀ ଦୁର୍ଯ୍ୟୋଧନ ପାତ୍ର କହିଛନ୍ତି ଯେ, ତାତି ବୃଦ୍ଧି ପାଉଛି। କୂପ ଶୁଖି ଗଲାଣି। ଲୋକେ ପାନୀୟଜଳ ପାଇଁ ଡହଳବିକଳ ହେବେ। ଏଥିପ୍ରତି ଦୃଷ୍ଟି ଦେବା ସହ ଲୋକଙ୍କୁ ସଚେତନ କରି ବୃକ୍ଷରୋପଣ କରିବାକୁ ସାଧାରଣରେ ଦାବି ହେଉଛି।